## ସଂକ୍ଷେପରେ

### ଚାନ୍ଦୋଳରେ ଗଜଲକ୍ଷ୍ମୀ ପୂଜା



ଡେରାବିଶ,୧୭।୧୦(ସ୍ୱପ୍ର) - ମା' ଗଜଲକ୍ଷ୍ମୀଙ୍କ ପୂଜାର ଗୁରୁବାର ଥିଲା ପଞ୍ଚମ ଦିନ। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲାର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ଭାବେ ପରିଚିତ ଚାନ୍ଦୋଳ ବଜାରରେ ୧୪ରୁ ଉର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଉଛନ୍ତି ମା' ଗଜଲକ୍ଷ୍ମୀ। ଏହି ବଜାରରେ ଅନୁଷ୍ଠିତ ହୋଇ ଆସୁଥିବା ଗଜଲକ୍ଷ୍ମୀ ପୂଜା ବହୁ ପ୍ରାଚୀନ। ତେବେ ଚଳିତବର୍ଷ ବଜାର କମିଟି ଓ ସଦର ପୋଲିସ୍ ପକ୍ଷରୁ ପୂଜାକୁ ଶୃଙ୍ଖଳିତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଗତ ରବିବାର ଠାରୁ ଆରମ୍ଭ ହୋଇଥିବା ଏହି ପୂଜା ପାଇଁ ପ୍ରତ୍ୟେକ ମଣ୍ଡପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସମାରୋହ, ପାଲା ଅନୁଷ୍ଠିତ ହେଉଛି। ପଞ୍ଚମ ସନ୍ଧ୍ୟାରେ କେତେକ ପୂଜା ମଣ୍ଡପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା ପାଗ ଅନୁକୂଳ ଥିବାରୁ ପଞ୍ଚମ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା।

### ପେଟ୍ରୋଲ ପମ୍ପରେ ପେଟ୍ରୋଲ ଠକେଇକୁ କେନ୍ଦ୍ର କରି ରାସ୍ତାରୋକୋ

କେନ୍ଦ୍ରାପଡା ଅଫିସ, ୧୭।୧୦: ସଦର ଥାନା ଅନ୍ତର୍ଗତ ଓସ୍ତପୁରସ୍ଥ ଏକ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଠକେଇକୁ କେନ୍ଦ୍ରକରି ଗୁରୁବାର ଗଣ୍ଡାକିଆଠାରେ ରାସ୍ତାରୋକୋ କରାଯାଇଥିଲା। ଏହି ଘଟଣାରେ ଉକ୍ତ ପେଟ୍ରୋଲ ପମ୍ପ ମ୍ୟାନେଜର ବିଶ୍ୱରଞ୍ଜନ ରାଉତଙ୍କୁ ପୋଲିସ ଗିରଫ କରିଛି। ପ୍ରକାଶ ଯେ, ରାଜନଗର ଥାନା ବଡମରିଚାପଲ୍ଲୀ ଗ୍ରାମର ନିତ୍ୟାନନ୍ଦ ମହାରଣା ପୂର୍ବାହ୍ନରେ ଏହି ପେଟ୍ରୋଲ ପମ୍ପରୁ ୨୦୦ ଟଙ୍କାର ପେଟ୍ରୋଲ ପକାଇଥିଲେ। ତେବେ ପେଟ୍ରୋଲ କମ୍ ଥିବା ସନ୍ଦେହ କରି ଏହାକୁ ମାପି ଥିଲେ। ଏହା କମ ଥିବାରୁ ନିତ୍ୟାନନ୍ଦ ପେଟ୍ରୋଲ ପମ୍ପ ମ୍ୟାନେଜର ଓ ସେଲସମ୍ୟାନଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେମାନେ ମାଡ ମାରିଥିଲେ। ଏହାର ପ୍ରତିବାଦରେ ଓସ୍ତପୁର ଗ୍ରାମବାସୀ ଗଣ୍ଡାକିଆ ରାସ୍ତାରେ ୧ ଘଣ୍ଟା କାଳ ରାସ୍ତାରୋକୋ କରିଥିଲେ। ଫଳରେ ଗାଡିମୋଟର ଚଳାଚଳ ବ୍ୟାହତ ହୋଇଥିଲା। ଖବରପାଇ ଥାନା ଅଧିକାରୀ ପ୍ରମୋଦ ମଲ୍ଲିକ ସେଠାରେ ପହଞ୍ଚି ମ୍ୟାନେଜର ରାଉତଙ୍କୁ ଗିରଫ କରିବା ପରେ ରାସ୍ତାରୋକୋ ହଟିଥିଲା। ମ୍ୟାନେଜର ରାଉତଙ୍କୁ ସଦର ପୋଲିସ ୨୯୪/୧୯ ନଂ ମାମଲାରେ କୋର୍ଟ ଚାଲାଣ କରିଛି।

### କେନ୍ଦ୍ରାପଡ଼ା ବିଧାୟକଙ୍କ ପଟ୍ଟାମୁଣ୍ଡାଇ ଗସ୍ତ



ପଟ୍ଟାମୁଣ୍ଡାଇ, ୧୭।୧୦ (ସ୍ୱ.ପ୍ର.): କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ଗୁରୁବାର ପଟ୍ଟାମୁଣ୍ଡାଇ ବ୍ଲକ ଗସ୍ତ କରି ପେଣ୍ଠପାଳ ପଞ୍ଚାୟତ କୋଲଥିଆ ସେଠୀସାହିର ଅଗ୍ନି ବିପନ୍ନ ପରିବାରକୁ ଭେଟିଛନ୍ତି। ଏଥିସହ ତୁରନ୍ତ ୭ ବିପନ୍ନ ପରିବାରଙ୍କୁ ଆବାସ ଯୋଜନାରେ ଗୃହ ଯୋଗାଇ ଦେବାକୁ ବିଧାୟକ ସ୍ଥାନୀୟ ବିଡିଓ ପବିତ୍ର ମୋହନ କାନୁନ୍‌ଗୋଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ବିଧାୟକ ବେହେରା କୋଲଥିଆ ସ୍କୁଲ ପରିଦର୍ଶନ କରିବା ସହିତ ତୁରନ୍ତ ରାସ୍ତା ନିର୍ମାଣ ପାଇଁ ବିଡିଓଙ୍କୁ କହିଥିଲେ। ସେହିପରି କୁଳସାହି ଆଶ୍ରମ ସ୍କୁଲ ପରିଦର୍ଶନ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରଧାନ ଶିକ୍ଷକ ଓ ସ୍କୁଲ ପରିଚାଳନା କମିଟି ସହିତ ଆଲୋଚନା କରିଥିଲେ। ତେବେ ଆଶ୍ରମ ସ୍କୁଲର ବାଳିକା ଓ ବାଳକ ହଷ୍ଟେଲରେ ଥିବା ସମସ୍ୟା ସମାଧାନ କରିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକଙ୍କ ଗସ୍ତ ସମୟରେ ପଟ୍ଟାମୁଣ୍ଡାଇ ବିଡିଓ, ଅଳପୁଆ ଆର୍‌ଆଇ, ବ୍ଲକ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀଙ୍କ ସମେତ ବରିଷ୍ଠ ନେତା ଧନେଶ୍ୱର ପ୍ରଧାନ, କୈଳାସ ସେଠୀ, ଶଶାଙ୍କ ଶେଖର ବିଶ୍ୱାଳ, କେଦାରନାଥ ବିଶ୍ୱାଳ, ଡା. ଗଦାଧର ମଲ୍ଲିକ, ଦିଲୀପ ବିଶ୍ୱାଳ, ପ୍ରଶାନ୍ତ ପ୍ରଧାନ, ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।



କେନ୍ଦ୍ରାପଡାରେ ମା'ଙ୍କ ଆରଧନା:ବଳଗଣ୍ଡି ବଜାର



ବଣିଆମାଳ



ବାସୁଳେଇ



ବିମ୍ବଳାଇ



ଛତରପାଟଣା



ଭରତପୁର



ଗଣମହଲ



ଗୋଗୁଆ ବଣିକ ସଂଘ



କଜଳା



ନସଡିପୁର



ବନମାଳୀ ଛକ (ମାର୍ଶାଘାଇ)

# ମୂର୍ତ୍ତି ଗଢିବା ପାଲଟିଛି ପେସା ଓ ନିଶା

## 'ମା'ଙ୍କ ସ୍ୱପ୍ନାଦେଶ ପରେ ଚକ୍ଷୁଦାନ କରିଥିଲି'

ରାଜନଗର,୧୬।୧୦(ଡି.ଏନ୍.ଏ.)

ଗଜଲକ୍ଷ୍ମୀ ପୂଜା ପାଇଁ ରାଜକନିକା ବ୍ଲକ ଚଳଚଞ୍ଚଳ ହୋଇଉଠିଛି। କାରିଗରମାନେ ମୃଣ୍ମୟୀ ମୂର୍ତ୍ତି ଗଢ଼ି ସାରିବା ପରେ ପୂଜା ଆରମ୍ଭ ହୋଇଯାଇଛି। ରାଜନଗର ବ୍ଲକ ଅନ୍ତର୍ଗତ କୁନ୍ଦପୁର ଲକ୍ଷ୍ମୀପୂଜା କମିଟିରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଛି। ଏଠାରେ ରାଜନଗର ନିର୍ବାଚନ ମଣ୍ଡଳୀର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଔପଦା ଗ୍ରାମର ମୃଣ୍ମୟୀ ମୂର୍ତ୍ତି କାରିଗର ରାମଚନ୍ଦ୍ର ବେହେରା(୫୦) ମୂର୍ତ୍ତି ନିର୍ମାଣ କରିଛନ୍ତି। ସେ ଦୀର୍ଘ ୨୦ ବର୍ଷ ହେବ କୁନ୍ଦପୁର ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଏଠାରେ ମା'ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରୁଛନ୍ତି। ଏହାଛଡା ବିଭିନ୍ନ ମଣ୍ଡପରେ ଅନ୍ୟାନ୍ୟ ଦେବଦେବୀଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରି ପୁରସ୍କୃତ ହୋଇଛନ୍ତି। ସେ ନିଜର ଏହି ପେସା ସମ୍ବନ୍ଧରେ କୁହନ୍ତି, ବାପା ବଟକୃଷ୍ଣ ବେହେରା(୭୦)ଙ୍କ ଠାରୁ ସେ ଏହି ମୂର୍ତ୍ତି ଗଢ଼ା କଳା ଶିଖିଥିଲେ। ବାପା ଏବେ ବୟସର ଅପରାହ୍ନରେ ପହଞ୍ଚିଥିବା ବେଳେ ସେ ଏବେ ଏହି କଳାକୁ ଆଦରି ନେଇଛନ୍ତି। ଏବେ ମୃଣ୍ମୟୀ ମୂର୍ତ୍ତି ଗଢ଼ିବା ତାଙ୍କ ପେସା ଓ ନିଶା ପାଲଟିଯାଇଛି। ସେ ପିଲାଦିନୁ ମୃଣ୍ମୟୀ ମୂର୍ତ୍ତି ଗଢ଼ା ଆରମ୍ଭ କରିଥିଲେ। ସର୍ବ ପ୍ରଥମେ ମା'ଲକ୍ଷ୍ମୀଙ୍କ ମୂର୍ତ୍ତି ଗଢ଼ିଥିଲେ। ସେତେବେଳେ ନିଜର ଅନୁଭୂତି ସମ୍ପର୍କରେ ରାମଚନ୍ଦ୍ର କୁହନ୍ତି, ପ୍ରଥମ ମୂର୍ତ୍ତି ଗଢ଼ିବା ସମୟରେ ବହୁତ ଭୟ ଲାଗିଥିଲା। ରାତିରେ ମା'ଙ୍କ ଠାରୁ ସ୍ୱପ୍ନାଦେଶ ପାଇବା ପରେ ଚକ୍ଷୁ ଦାନ କରିଥିଲି। ଉକ୍ତ ବର୍ଷ ମା'ଙ୍କ ମୂର୍ତ୍ତି ବହୁତ ସୁନ୍ଦର ହୋଇଥିଲା। ଏହାପରଠାରୁ ସେ କେବେ ପଛକୁ ଫେରି ଚାହିଁନାହାନ୍ତି ବୋଲି କୁହନ୍ତି। ସେବେଠୁ ମା'ଙ୍କ ମୂର୍ତ୍ତି ନିର୍ମାଣ କଲେ ସେ ଉପବାସ କରିଥାନ୍ତି। ମା'ଙ୍କ ଆବାହନୀ ଠାରୁ ମେଲାଣି ପର୍ଯ୍ୟନ୍ତ ନିଷ୍ଠାର ସହ ଏହି ବ୍ରତ ପାଳନ କରିଥାନ୍ତି ବୋଲି ରାମଚନ୍ଦ୍ର କୁହନ୍ତି। କଳା, ଭାସ୍କର୍ଯ୍ୟ ଓ କାରିଗରଙ୍କ ପ୍ରତି ରାଜ୍ୟ ସରକାର ଧ୍ୟାନ ଦେଉ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ତାଙ୍କ ଭଳି କାରିଗରମାନେ ସଂଘର୍ଷମୟ ଜୀବନଯାପନ କରୁଥିବା ବେଳେ ସରକାର ସେମାନଙ୍କ ପାଇଁ କୌଣସି ଯୋଜନା କରୁନାହାନ୍ତି ବୋଲି ସେ କହିଛନ୍ତି। ସରକାର ଏସବୁ କାରିଗରଙ୍କ ପ୍ରତି ଦୃଷ୍ଟି ଦେଲେ ସେମାନଙ୍କ ତେଲ ଲୁଣର ସଂସାର ଚଳିଯାନ୍ତା ବୋଲି ରାମଚନ୍ଦ୍ର କହିଛନ୍ତି।



ରାମଚନ୍ଦ୍ର ବେହେରାଙ୍କ ଦ୍ୱାରା ନିର୍ମିତ ଗଜଲକ୍ଷ୍ମୀଙ୍କ ମୂର୍ତ୍ତି ରାଜନଗରର ଏକ ମଣ୍ଡପରେ ପୂଜା ପାଉଛି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ସମୀକ୍ଷା

# ନିର୍ଦ୍ଧାରିତ ସମୟରେ ନିର୍ମାଣ ସାରିବାକୁ ତାଗିଦ

ରାଜକନିକା, ୧୭।୧୦ (ଡି.ଏନ୍.ଏ.)



ସମୀକ୍ଷା ବୈଠକରେ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟମାନେ।

କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ଗୁରୁବାର ରାଜକନିକା ବ୍ଲକ ଗସ୍ତ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣର ସମୀକ୍ଷା କରିଛନ୍ତି। ରାଜକନିକା ବ୍ଲକକୁ ଆସିଥିବା ୩,୬୦୦ ପ୍ରଧାନମନ୍ତ୍ରୀ ଆବାସ ଗୃହ ୨୯ଟି ପଞ୍ଚାୟତରେ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିବା ବେଳେ ନିର୍ଦ୍ଧାରିତ ସମୟ ତଥା ଆସନ୍ତା ଡିସେମ୍ବର ସୁଦ୍ଧା ଘର ନିର୍ମାଣ ଶେଷ କରିବାକୁ ଜିଲାପାଳ ତାଗିଦ୍ କରିଛନ୍ତି। ଏହି ସମୀକ୍ଷା ବୈଠକରେ ରାଜକନିକା ବିଡିଓ ଡି.ଏସ୍. ଶୁଭଦର୍ଶୀ ଯୋଶୀ, ସମସ୍ତ ପଞ୍ଚାୟତର ନିର୍ବାହୀ ଅଧିକାରୀ ଓ ଜିଆର୍‌ଏସ୍‌ମାନେ ଯୋଗଦେଇଥିଲେ। ଏହା ପୂର୍ବରୁ କେନ୍ଦ୍ରାପଡ଼ା ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ଆୟୋଜିତ ତାଲିମ ଶିବିର ଉଦ୍‌ଘାଟନ କରିଥିଲେ। ଶିବିରରେ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ସାବିତ୍ରୀ ଦାସ, ଜିଲା ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ମମତା ମହାପାତ୍ର, ଅତିରିକ୍ତ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଦିଲୀପ ମହାପାତ୍ର, ଉମେଶ ମହାପାତ୍ର ଓ ଛତିଶ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଜିଲାପାଳ ଓଳାଭର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ରୋଗୀମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଓଳାଭର ବଜାର ରାସ୍ତା ଉପରକୁ ମାଡି ଆସିଥିବା ଦୋକାନଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ କନିକା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଓଳାଭର କଲେଜକୁ ଯାଇ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଅଧ୍ୟକ୍ଷଙ୍କ ସହ ଆଲୋଚନା କରି ବିହିତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ।

## ଜିଲା ଯୋଗାଣ ବିଭାଗରେ ବଦଳି

କେନ୍ଦ୍ରାପଡା ଅଫିସ, ୧୭।୧୦

କେନ୍ଦ୍ରାପଡା ଜିଲା ଯୋଗାଣ ବିଭାଗର ବିଭିନ୍ନ ବ୍ଲକରେ ଥିବା ଏମଆଇଙ୍କର ବଦଳି ହୋଇଛି। ଏନେଇ ଜିଲାପାଳ ସମର୍ଥ ବର୍ମା ବୁଧବାର ଚିଠି (ନଂ- ୧୮୭୧) କରିଛନ୍ତି। ଚିଠିରେ ଉଲ୍ଲେଖ ଅଛି ଯେ, ଡେରାବିଶ ବ୍ଲକ ଏମଆଇ ରବୀନ୍ଦ୍ରନାଥ ବେହେରା ଆଳି ଓ ରାଜକନିକା ବ୍ଲକ ଅଞ୍ଚଳର ଯୋଗାଣ ଦାୟିତ୍ୱ ନେବେ। ସେହିପରି ଆଳି ଓ ରାଜନଗର ଏମଆଇ ଦେବୀ ପ୍ରସାଦ ଦାସଙ୍କୁ ରାଜନଗର, ମହାକାଳପଡା ବ୍ଲକ ଏମଆଇ ମଧୁସ୍ମିତା ଜେଠୀଙ୍କୁ ଡେରାବିଶ ବ୍ଲକ ଓ କେନ୍ଦ୍ରପଡା ପୌରାଞ୍ଚଳ, ଗରଦପୁର ବ୍ଲକ ଏମଆଇ ପ୍ରଦୀପ୍ତ କୁମାର ଭଟ୍ଟଙ୍କୁ ମାର୍ଶାଘାଇ, ମାର୍ଶାଘାଇ ବ୍ଲକ ଏମଆଇ ପୀତାମ୍ବର ବେହେରାଙ୍କୁ ଗରଦପୁର, ରାଜନଗର ବ୍ଲକ ଏମଆଇ ପ୍ରଭଞ୍ଜନ ସାହୁଙ୍କୁ ମହାକାଳପଡା ଦାୟିତ୍ୱ ଦିଆଯାଇଛି। ବଦଳି ହୋଇଥିବା ଏମଆଇ ତୁରନ୍ତ ଦାୟିତ୍ୱ ନେବା ପାଇଁ ଏଥିରେ ନିର୍ଦ୍ଦେଶ ଦିଆଯାଇଛି।



କେନ୍ଦ୍ରାପଡା ସହରର ତିନି ମୁହାଣିଠାରେ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଗଜଲକ୍ଷ୍ମୀ ପୂଜା ମଣ୍ଡପ ବୁଲି ମା'ଙ୍କ ଦର୍ଶନ କରୁଛନ୍ତି।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଯୁବବାହିନୀ ସଦସ୍ୟମାନେ ଜଣେ ବାଇକ୍ ଆରୋହୀଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ବୁଝାଉଛନ୍ତି।

ଆଳି, ୧୭।୧୦ (ଡି.ଏନ୍.ଏ.)

ଆଳି ବ୍ଲକ ଦେମାଳ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ 'ରକ୍ଷକ' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଟକ-ଚାନ୍ଦବାଲି ରାସ୍ତା ଦେଇ ଯା'ଆସ କରୁଥିବା ଗାଡିମୋଟର ଚାଳକମାନଙ୍କୁ ଥାନା ଛକ ନିକଟରେ ଯୁବ ବାହିନୀ ସଭ୍ୟମାନେ ଅଟକାଇବା ସହ ଟ୍ରାଫିକ ନିୟମ ସମ୍ପର୍କରେ ବୁଝାଇଥିଲେ। ଏଥିସହ ସଡ଼କ ସୁରକ୍ଷା ସମ୍ପର୍କିତ ପ୍ଲାକାର୍ଡ ଧରି ଲୋକମାନଙ୍କୁ ସଚେତନ କରାଇଥିଲେ। ଗାଡି ଚଳାଇବା ବେଳେ ହେଲମେଟ ବ୍ୟବହାର କରିବା, ମୋବାଇଲରେ କଥା ନହେବା, ଦ୍ରୁତ ଗାଡ଼ିରେ ଗାଡ଼ି ନ ଚଳାଇବା ଓ ଗାଡ଼ିର ଇନ୍‌ସ୍ୟୁରାନ୍ସ କରାଇବା ପାଇଁ କହିଥିଲେ। ବିଜୁ ଯୁବ ବାହିନୀ ସଭାପତି ପ୍ରତାପ ରାୟ, ସମ୍ପାଦକ ଦୀପକ କୁମାର ସାମଲ, କୋଷାଧ୍ୟକ୍ଷ ବାପିନା ପାତ୍ର, ଆଜମଲ ଖାଁ, ବିନୋଦ ବେହେରା, ବିଜୟ ଧଳ, ଦୀପକ ସିଂ, ବିଜୟ ମହାନ୍ତି, ଫିରୋଜ ଖାଁ, କୃଷ୍ଣଚନ୍ଦ୍ର ପରିଡା, ମନୋଜ ମହାନ୍ତି ଓ ସ୍ଥାନୀୟ ସରପଞ୍ଚ ମନୋରଞ୍ଜନ ସାମଲ ଉପସ୍ଥିତ ଥିଲେ।

## ଖବରଦାତା ସମ୍ମିଳନୀରେ ବର୍ଷିଲେ ଆଳିର ପୂର୍ବତନ ବିଧାୟକ

# 'ଆଳି, ରାଜକନିକାରେ ଦୁର୍ନୀତି ବଢୁଛି'

ଆଳି, ୧୭।୧୦ (ଡି.ଏନ୍.ଏ.)

ଆଳି ବ୍ଲକ ଅଞ୍ଚଳରେ ଦୁର୍ନୀତି ବଢୁଛି। ଅରେହିକଣା ପଞ୍ଚାୟତରେ ଆବାସ ଯୋଜନାରେ ହୋଇଥିବା ଦୁର୍ନୀତି ନେଇ କମ୍ପ୍ୟୁଟର ପ୍ରୋଗ୍ରାମ ଅଫିସରଙ୍କ ସମେତ ୨ଜଣ ଗିରଫ ହେବା ପରେ ଦୁର୍ନୀତିର ସ୍ପଷ୍ଟ ଚିତ୍ର ପଦାକୁ ଆସିଛି। ହେଲେ ପୂର୍ବରୁ ଏ ନେଇ ବାରମ୍ବାର ଅଭିଯୋଗ କରି ତଦନ୍ତ ଦାବି କରିଥିଲେ ହେଁ ଶାସକ ଦଳର ନେତା ଏହାକୁ କଟାକ୍ଷ କରିଛନ୍ତି ବୋଲି ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା କହିଛନ୍ତି। ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ଯୋଗଦେଇ ଶାସକ ଦଳ ଉପରେ ଖୁବ୍ ବର୍ଷିଛନ୍ତି। ସେ ଅଭିଯୋଗ କରିଛନ୍ତି, ଆବାସ ଯୋଜନାରେ ଅନିୟମିତତା ନେଇ ବ୍ଲକ ପ୍ରୋଗାମର ଓ ଜିଓଟ୍ୟାଗ୍ କର୍ମଚାରୀଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ବିରୋଧରେ ଦଫା କଡ଼ାକଡ଼ି ନ କରିବାକୁ ବିଡିଓ ଚାପ ପକାଉଛନ୍ତି। ସେହିପରି ମେଣ୍ଟପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଶାସକ ଦଳର କୁଜି ନେତାମାନେ ଲାଞ୍ଚ ନେଇ ରାଜ୍ୟ ବାହାରୁ ଆସିଥିବା ବ୍ୟକ୍ତିଙ୍କ ନାମରେ ଆବାସ ଯୋଜନାରେ ଗୃହ ଯୋଗାଇ ଦେଇଛନ୍ତି। ଜିଲାପାଳ ଏହି ଘଟଣାର ତଦନ୍ତ କରିବା ଆବଶ୍ୟକ ବୋଲି ପୂର୍ବତନ ବିଧାୟକ ଶର୍ମା କହିଛନ୍ତି।

ସେହିପରି ନିଆଳ ପଞ୍ଚାୟତର ଗଉଡ଼ପାଟଣା ମାଣିକଖଣ୍ଡିପଡାରେ ଦୀର୍ଘ ୭୫ ବର୍ଷ ହେବ ସରକାରୀ ଜାଗାରେ ରହୁଥିବା ୭୦ ହରିଜନ ପରିବାରକୁ ରାଜନୈତିକ ଉଦ୍ଦେଶ୍ୟରେ ଘର ଡିହ ପଟ୍ଟା ଦିଆଯାଉନାହିଁ। ଫଳରେ ସେମାନେ ବାସଗୃହ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଅନୁରୂପ ଭାବେ ନରେନ୍ଦ୍ରପୁର, ଡିମିରିପାଳ, ଜୁଆଣିଆ, ବଡ଼ାମ୍ବିଲା, ପେତପଡ଼ା, କୋଳିଡ଼ିହ, ଚଣ୍ଡିଆଗଡ଼ି, ମାଣିକପାଟଣା ଓ ବାଲକାଟି ଆଦି ପଞ୍ଚାୟତରେ କେତେଜଣ ହିତାଧିକାରୀ ଦୁଇ ଦୁଇ ଥର ଘର ପାଇଥିବା ବେଳେ ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କ ନାଁରେ ଘର ମିଳିଛି। ସେହିପରି ରାଜକନିକା ବ୍ଲକର ପାରିନୂଆପଡା, ବରୁଣା, ଜୟନଗର, ପଣସଗଣ୍ଡ ଓ ହାଟସାହି ଆଦି ପଞ୍ଚାୟତରେ ଦୁର୍ନୀତି ହେଉଥିବା ନେଇ ଅଭିଯୋଗ କଲେ ବି କିଛି ସୁଫଳ ମିଳୁନି। କୋରନ୍ଦ ଓ ବାଂଶରିଆରେ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଜଣଙ୍କ ନାଁରେ ଆସିଥିବା ଘର ଅନ୍ୟ ଜଣଙ୍କୁ ଯୋଗାଇ ଦେଇଛନ୍ତି। ଆଳି ଓ ରାଜକନିକା ତହସିଲରେ ଘରଭଙ୍ଗା ସହାୟତା ପ୍ରଦାନ କ୍ଷେତ୍ରରେ ବ୍ୟାପକ ଦୁର୍ନୀତି ହୋଇଛି। ପୂର୍ବରୁ ଅଭିଯୋଗକୁ କେହି କର୍ଣ୍ଣପାତ କରୁ ନ ଥିଲା ବେଳେ ଏବେ ରାଜ୍ୟ ସରକାରଙ୍କ ୫-ଟି ନୀତି ଯୋଗୁ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଛି ବୋଲି ପୂର୍ବତନ ବିଧାୟକ ଶର୍ମା କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ୨ନଂ. ଜୋନ୍ ସଭାପତି ପ୍ରଭାକର ସାହୁ, ୪ ନଂ. ଜୋନ୍ ସଭାପତି ମାନଗୋବିନ୍ଦ ଦାସ, ସୁଶାନ୍ତ କୁମାର ମଳିକ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକଙ୍କ ଅଭିଯୋଗ ସମ୍ପର୍କରେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ କହିଛନ୍ତି, ଆଳି ବ୍ଲକରେ ସରକାରଙ୍କ ଉନ୍ନତିମୂଳକ ଯୋଜନାଗୁଡିକୁ କିପରି ଭାବେ ଲୋକଙ୍କ ନିକଟରେ ପହଞ୍ଚା ଯାଇପାରିବ ସେ ନେଇ ଉଦ୍ୟମ ଜାରି ରହିଛି। କୌଣସି କ୍ଷେତ୍ରରେ ଦୁର୍ନୀତି ହେଉଥିବା ନେଇ ତଥ୍ୟ ଭିତ୍ତିକ ଅଭିଯୋଗ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### ବାଇକ ଦୁର୍ଘଟଣାରେ ୩ ଆହତ

କୁଜଙ୍ଗ,୧୭।୧୦(ସ୍ୱ.ପ୍ର.): କଟକ-ପାରାଦୀପର ବାଲିଆପଡ଼ା ନିକଟରେ ଗୁରୁବାର ଏକ ସଡ଼କ ଦୁର୍ଘଟଣାରେ ୩ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ଅଛି। ସୂଚନା ଅନୁଯାୟୀ, ବାଲିଆପଡ଼ା ଗ୍ରାମର ରଞ୍ଜନ ସୂତାର ଏକ ସ୍କୁଟିରେ ରାହାମାରୁ ଘରକୁ ଫେରୁଥିଲେ। ଏହି ସମୟରେ ପଙ୍କପାଳ ପଞ୍ଚାୟତ ବଣିକୁନ୍ଦ(ଡିଅସାହୀ) ଗ୍ରାମର ଶରତ ସାମଲଙ୍କ ପୁଅ ରାଶବିହାରୀ ସାମଲ(୩୧), ଧିରେନ୍ଦ୍ର ଚୌଧୁରୀଙ୍କ ପୁଅ ଦେବଜ୍ୟୋତି ଚୌଧୁରୀ(୩୦) ଏକ ବୁଲେଟ୍‌ରେ ଯାଉଥିଲେ। ବାଲିଆପଡ଼ା ନିକଟରେ ସେମାନଙ୍କ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ୩ ଜଣ ରାସ୍ତାରେ ଛିଟିକି ପଡିଥିଲେ। ସେମାନଙ୍କ ମଧ୍ୟରୁ ରାଶବିହାରୀ ଓ ଦେବଜ୍ୟୋତିଙ୍କ ଅବସ୍ଥା ଗୁରୁତର ଅଛି। ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ଏହି ଦୁର୍ଘଟଣାସ୍ଥଳ ଠାରୁ ଅନତୀ ଦୂରରେ ଗତ ଦୁଇ ସପ୍ତାହ ତଳେ ଦୁର୍ଘଟଣାରେ ଦୁଇ ଜଣ ଯୁବକଙ୍କ ମୃତ୍ୟୁ ହୋଇଥିଲା।

### ବାଇକ ଧକ୍କାରେ ବୃଦ୍ଧ ମୃତ

ବାଲିକୁଦା,୧୭।୧୦(ସ୍ୱ.ପ୍ର.): କଟକ-ନୂଆଗାଁ ୫୫ ନମ୍ବର ଜାତୀୟ ରାଜାପଥର ବାଲିକୁଦାସ୍ଥିତ ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପଠାରେ ଗୁରୁବାର ଏକ ବାଇକ୍ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ଗୋଛାୟତ ସାହିର ଦ୍ୱିଜବର ଗୋଛାୟତ(୭୪)। ସୂଚନା ଅନୁଯାୟୀ, ସକାଳ ୬ଟାରେ ଦ୍ୱିଜବର ଘରକୁ ଯାଉଥିବାବେଳେ ମାଛଗାଁ ପଟୁ କଟକ ଆଡେ ଯାଉଥିବା ଜଣେ ବାଇକ ଚାଳକ ତାଙ୍କ ସହ ଧକ୍କା ହୋଇଥିଲେ। ଫଳରେ ଦ୍ୱିଜବର ରାସ୍ତାରେ ଛିଟିକି ପଡିଥିଲେ। ତାଙ୍କୁ ପ୍ରଥମେ ଏକ ଅଟୋ ଯୋଗେ ନିକଟସ୍ଥ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ମାତ୍ର ସେଠାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

### କ୍ୟାନ୍‌ସରରେ ଖବରକାଗଜ ବିତରକଙ୍କ ମୃତ୍ୟୁ

ପାରାଦୀପ,୧୭।୧୦(ସ୍ୱ.ପ୍ର.): ପାରାଦୀପ ଅଞ୍ଚଳରେ ଖବରକାଗଜ ବିତରକ ଭାବେ ଗତ ୨୦ବର୍ଷ ହେଲା କାର୍ଯ୍ୟ କରୁଥିବା ଦୀପ୍ତିକାନ୍ତ ନାୟକ(୪୩)ଙ୍କ ଗୁରୁବାର ସନ୍ଧ୍ୟାରେ ପରଲୋକ ଘଟିଛି। ସେ ଗତ ୬ ମାସ ହେଲା କ୍ୟାନ୍‌ସରରେ ପୀଡ଼ିତ ଥିଲେ। ସନ୍ଧ୍ୟାରେ ପୈତୃକ ଗ୍ରାମ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅଧୀନ ହଳଦିଆ ଗ୍ରାମରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ଗନ୍ଧର୍ବ ନାୟକଙ୍କ ଏକମାତ୍ର ପୁତ୍ର ଥିଲେ। ପାରାଦୀପ ଖବରକାଗଜ ବିତରକ ସଂଘର ସଦସ୍ୟମାନେ ତାଙ୍କ ଶେଷ ଦର୍ଶନ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି।

### କୃତୀ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି

କୁଜଙ୍ଗ,୧୭।୧୦(ସ୍ୱ.ପ୍ର.): କୁଜଙ୍ଗ ବ୍ଲକ୍ ପଙ୍କପାଳ ପଞ୍ଚାୟତ ବଣିକୁନ୍ଦ ଗ୍ରାମର କୃତୀ ଶିକ୍ଷକ ଚକ୍ରଧର ପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏଥିରେ ଶ୍ରମିକ ନେତା ନିର୍ଭୟ କୁମାର ସାମନ୍ତରାୟ ଯୋଗଦେଇ ସ୍ୱର୍ଗତ ପାତ୍ର ଜୀବନାଦର୍ଶ ସମ୍ପର୍କରେ କହିଥିଲେ। ପଙ୍କପାଳ ବଣିକ ସଂଘ ସଭାପତି ଫକୀର ଦାସ, କୃତ୍ତିବାସ ଷଡ଼ଙ୍ଗୀ, କେଶବ ଦଳାଇ, ସମବାୟବିତ୍ ସନ୍ତୋଷ ଦାସ, ନାରାୟଣ ସ୍ୱାଇଁ, ପ୍ରଫୁଲ୍ଲ ଦାସ, ପ୍ରସନ୍ନ ଦାସ, ନରହରି ବିଶ୍ୱାଳ, ଆଲୋକ ମଲ୍ଲ, ସୂର୍ଯ୍ୟକାନ୍ତ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ। ପୁତ୍ର ଆଶୁତୋଷ ଓ ଅମରେଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅଙ୍ଗନୱାଡି କର୍ମୀଙ୍କୁ ଟିକାକରଣ ତାଲିମ

ବିରିଡ଼ି,୧୭।୧୦(ଡି.ଏନ.ଏ.): ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗୁରୁବାର ଅଙ୍ଗନୱାଡ଼ି କର୍ମୀମାନଙ୍କୁ ଟିକାକରଣ ସମ୍ପର୍କରେ ତାଲିମ ଦିଆଯାଇଛି। ଲୋକଙ୍କୁ ସଚେତନ କରିବାକୁ ଏଥିରେ କୁହାଯାଇଥିଲା। କାର୍ଯ୍ୟକ୍ରମରେ ୩୫ଜଣ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ। ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚଇଓ ସୁବ୍ରତ କୁମାର ମହାପାତ୍ର ତାଲିମ ପ୍ରଦାନ କରିଥିଲେ। ଅଡଙ୍ଗଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ପ୍ରାଇମ ପ୍ରିୟରଞ୍ଜନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ।

## ଜଗତ୍‌ସିଂହପୁର ସହରରେ ଜଳ ନିଷ୍କାସନ ସମସ୍ୟା

# ଜିଲାପାଳଙ୍କ କାର୍ଯ୍ୟାଳୟ ଜଳବନ୍ଦୀ




ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ବର୍ଷା ପାଣି ଜମି ରହିଛି।

■ଅସରାଏ ବର୍ଷାରେ ଅବସ୍ଥା ବେହାଲ

■ରାସ୍ତାଘାଟରେ ଜମି ରହୁଛି ପାଣି

ଜଗତ୍‌ସିଂହପୁର ଅଫିସ,୧୭।୧୦

ଓଡ଼ିଶା ଛାଡ଼ିସାରିଛି ମୌସୁମୀ। ଏଣିକି କାଁ ଭାଁ ବର୍ଷା ବର୍ଷା ହେଉଛି। ତଥାପି ଏହି ସ୍ୱଳ୍ପ ବର୍ଷାରେ ମଧ୍ୟ ଜଗତ୍‌ସିଂହପୁର ସହରରେ ଅବସ୍ଥା ବେହାଲ ହୋଇପଡ଼ିଛି। ଜଳ ନିଷ୍କାସନ ସମସ୍ୟା ପାଇଁ ସହରର ଅନ୍ୟ ସ୍ଥାନ କଥା ଛାଡ଼ନ୍ତୁ, ଅସରାଏ ବର୍ଷାରେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଏକପ୍ରକାର ଜଳବନ୍ଦୀ ହୋଇଯାଇଛି। ଏହି କାର୍ଯ୍ୟାଳୟ ପରିସର ପଡ଼ିଆ ଓ ରାସ୍ତାରେ ପାଣି ଜମିରହିଛି। ପରିସ୍ଥିତି ଏପରି ହୋଇଛି ଯେ, ଚାଲିକରି ଯିବା ମଧ୍ୟ କଷ୍ଟକର। ଏଭଳି ଅବସ୍ଥା ଆଉ ଦିନେ/ଦୁଇଦିନ ଲାଗି ରହିପାରେ ବୋଲି କୁହାଯାଉଛି।

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଏକ ମଣ୍ଡପ ରହିଛି। ବର୍ଷର ବିଭିନ୍ନ ସମୟରେ ଏହି ପଡ଼ିଆରେ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମମାନ ଚାଲିଥାଏ। ଏଥିସହ ପ୍ରତ୍ୟହ କିଛି ପିଲା ସେଠାରେ ଖେଳକୁଦ କରନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟକୁ ଲାଗି ଗୋଟିଏ ପଟେ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟ ଓ ଅନ୍ୟପଟେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ବଙ୍ଗଳା, ପିଲାଙ୍କ ପାର୍କ, ରେଲୱେ ବୁକିଂ କାଉଣ୍ଟର, ଜେଆର୍‌ଆଇଟି (ଜଗତ୍‌ସିଂହପୁର ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ) ରହିଛି। ତେଣୁ ପ୍ରତ୍ୟହ ଏହା ଭିତରକୁ ଶହସ୍ରାଧିକ ଲୋକ ଯିବାଆସିବା କରିଥାନ୍ତି। ମୁଖ୍ୟ ଫାଟକ ବାଦ୍ ବଙ୍ଗଳା ଛକ ପଟୁ ମଧ୍ୟ ଯାତାୟାତ ପାଇଁ ରାସ୍ତା ଅଛି। ଏହି ରାସ୍ତା ପାର୍ଶ୍ୱରେ ସଂସ୍କୃତି ଭବନ, ଏସ୍‌ଡିପିଓ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଶାଖା କାର୍ଯ୍ୟାଳୟ ଆଦି ରହିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଯିବାପାଇଁ ଥିବା ୨ ପୃଥକ ରାସ୍ତାରୁ ଏକାଧିକ ଶାଖା ରାସ୍ତା ବାହାରିଛି। ବଡ଼ କଥା ହେଲା ଦୀର୍ଘବର୍ଷ ହେବ ଏହି ରାସ୍ତା ପାର୍ଶ୍ୱରେ ଡ୍ରେନେଜ୍ କିମ୍ବା ସ୍ୱେରେଜ୍ ବ୍ୟବସ୍ଥା କରାଯାଉ ନ ଥିବାରୁ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି। ଅସରାଏ ବର୍ଷା ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଶାଖା ରାସ୍ତାଗୁଡିକ ଉପରେ ପାଣି ଜମି ରହୁଛି। ଏହାଦ୍ୱାରା କେବଳ ରାସ୍ତା ଖରାପ ହେଉନି, ପରିବେଶ ଖରାପ ସାଙ୍ଗକୁ ଯାତାୟାତରେ ଘୋର ବାଧା ଉପୁଜୁଛି। ରାସ୍ତା ପାର୍ଶ୍ୱ ପାର୍କ ପାଚେରି ମଧ୍ୟ ଦୁର୍ବଳ ହେଉଛି।

ମୁଖ୍ୟ ଫାଟକ ପାଚେରି ପାର୍ଶ୍ୱର କିଛି ଅଂଶରେ ଗତବର୍ଷ ଡ୍ରେନ୍ କରାଯାଇଥିଲା। ଦୁଃଖର କଥା ହେଲା ଏହି ଡ୍ରେନ୍‌ରେ ପାଣି ନିଷ୍କାସନ ବ୍ୟବସ୍ଥା ହୋଇ ନ ଥିଲା। ଏ ବାବଦ ସରକାରୀ ଅନୁଦାନ କେବଳ ପାଣିରେ ପଡ଼ିବା ସାର ହୋଇଛି। ପଡିଆଠାରୁ ଡ୍ରେନ୍‌ର ଉଚ୍ଚତା ଅଧିକ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ସ୍ଥାୟୀ ସମାଧାନ ପାଇଁ କାହାର ଆନ୍ତରିକତା ପ୍ରକାଶ ପାଉନାହିଁ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଯଦି ଏଭଳି, ତେବେ ଅନ୍ୟ ଅଞ୍ଚଳ କିପରି ଥିବ ତାହା ସହଜରେ ଅନୁମେୟ। ସହରର ବିଭିନ୍ନ ୱାର୍ଡରେ ମଧ୍ୟ ଜଳ ନିଷ୍କାସନ ସମସ୍ୟା ଲାଗି ରହିଛି। ଗତ ବର୍ଷାଋତୁରେ ସହରର ଅନେକ ସ୍ଥାନରେ ଲୋକେ ଘରୁ ବାହାରିବା ମଧ୍ୟ କଷ୍ଟକର ହୋଇଥିଲା। ଏବେ ମଧ୍ୟ ଅନୁରୂପ ଅବସ୍ଥା। ଅସରାଏ ବର୍ଷା ହେଲେ ପାଖାପାଖି ୨/୩ ଦିନ ପର୍ଯ୍ୟନ୍ତ ଅନେକ ସ୍ଥାନରେ ପାଣି ଜମି ରହୁଛି। ତେଣୁ ଏହାର ସ୍ଥାୟୀ ପ୍ରତିକାର କରିବାକୁ ସାଧାରଣରେ ଦାବି ହେଉଛି।

## ଯୁବକଙ୍କୁ କଲୋନୀ ବାସିନ୍ଦା କଲେ ମୁଣ୍ଡନ: ୧୦ ଗିରଫ

ପାରାଦୀପ,୧୭।୧୦(ସ୍ୱ.ପ୍ର.)

**ପରକୀୟାପ୍ରୀତି ଚର୍ଚ୍ଚା**

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଅଠରବାଙ୍କୀ ଜଗନ୍ନାଥ କଲୋନୀରେ ଗୁରୁବାର ଏକ ଅପ୍ରୀତିକର ଘଟଣା ଘଟିଛି। ଜଣେ ଯୁବକ ଓ ମହିଳାଙ୍କୁ କଲୋନୀବାସିନ୍ଦା ଘରେ ପୁରାଇ ମାଡ଼ ମାରିଛନ୍ତି। ଏନେଇ ଅଭିଯୋଗ ହେବା ପରେ ପୋଲିସ ୧୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫଙ୍କ ମଧ୍ୟରେ ୩ ଜଣ ମହିଳା ଓ ୩ ଜଣ ପୁରୁଷ ଥିବା ଥାନା ଅଧିକାରୀ ରଜନୀକାନ୍ତ ସାମଲ କହିଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଗୋପାଳ ନାମକ ଜଣେ ଟ୍ରକ ଚାଳକ ଉକ୍ତ କଲୋନୀର ଜଣଙ୍କ ଘରକୁ ଯାଇଥିବା ବେଳେ କଲୋନୀ ଲୋକ ଏପରି ଗଣ୍ଡଗୋଳ କରିଥିଲେ। କଲୋନୀ ବାସିନ୍ଦା କହିଛନ୍ତି ଯେ, ସମ୍ପୃକ୍ତ ଯୁବକ ଓ କଲୋନୀର ଜଣେ ମହିଳାଙ୍କ ମଧ୍ୟରେ ପରକୀୟା ପ୍ରେମ ସମ୍ପର୍କ ରହିଛି। ଏହା ଲଜ୍ଜାକର ପରିବେଶ ସୃଷ୍ଟି କରୁଥିଲା। ବୁଧବାର ରାତିରେ ମହିଳାଙ୍କ ସ୍ୱାମୀ ଘରେ ନ ଥିବା ବେଳେ ସମ୍ପୃକ୍ତ ଯୁବକ ତାଙ୍କ ଘରକୁ ଯାଇଥିଲେ। ଏହା ଜାଣିବା ପରେ ସ୍ଥାନୀୟ ମହିଳାମାନେ ବାହାରୁ କବାଟ ବନ୍ଦ କରିଦେଇଥିଲେ। ଗୁରୁବାର ସକାଳେ ମହିଳାଙ୍କ ସ୍ୱାମୀ ଡ୍ୟୁଟିରୁ ଫେରିବା ପରେ କବାଟ ଖୋଲିଥିଲେ। ତୁମ ଘରେ ଏ'କଣ ଚାଲିଛି ବୋଲି କହି ଲୋକମାନେ ଯୁବକ, ମହିଳା ଓ ତାଙ୍କ ସ୍ୱାମୀଙ୍କୁ ମାଡ଼ ମାରିଥିଲେ। ପରେ ଯୁବକଙ୍କୁ ଗଛରେ ବାନ୍ଧି ଅଧା ଲଣ୍ଡା କରିଥିଲେ। ପୋଲିସ ଖବରପାଇ ୩ ଜଣଙ୍କୁ ଉଦ୍ଧାର କରିଥିଲା। ମହିଳା ଓ ତାଙ୍କ ସ୍ୱାମୀ ଗଣ୍ଡଗୋଳ କରିଥିବା ଲୋକଙ୍କ ନାମରେ ଅଭିଯୋଗ କରିବା ପରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ସମ୍ପୃକ୍ତ ଯୁବକ କହିଛନ୍ତି ଯେ, ସେ ତାଙ୍କ ଟଙ୍କା ଫେରାଇବାକୁ ଆସିଥିବା ବେଳେ ଏପରି ଘଟିଛି।

## ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ

# ବିଡିଓଙ୍କୁ ଫେରାଦ ହେଲେ ପଞ୍ଚାୟତବାସୀ

ବାଲିକୁଦା,୧୭।୧୦(ସ୍ୱ.ପ୍ର.)

ଥାଇଲୋ ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ଗୁରୁବାର ସ୍ଥାନୀୟ ଲୋକେ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିବା ସହ ବିଡିଓଙ୍କୁ ୮ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ପାନୀୟଜଳ ଯୋଗାଣ କେନ୍ଦ୍ରରୁ ଜଳ ଯୋଗାଣ କରାଯାଉ ନ ଥିଲେ ମଧ୍ୟ ଏଥିପାଇଁ ନିୟୋଜିତ କର୍ମଚାରୀମାନେ ଦରମା ନେଇ ଚାଲିଛନ୍ତି। ମୃତ ଲୋକଙ୍କ ନାମରେ ଭତ୍ତା ଟଙ୍କା ଉଠାଯାଇ ହଡ଼ପ କରାଯାଉଛି। ସେହିପରି ସ୍ୱଚ୍ଛ ଭାରତ ଯୋଜନାରେ ନିର୍ମାଣ କରାଯାଉଥିବା ପାଇଖାନା କାର୍ଯ୍ୟରେ ଦୁର୍ନୀତି କରାଯାଉଛି। ଡିଲର ପଏଣ୍ଟରୁ ଖାଉଟି ସାମଗ୍ରୀ ଠିକ୍ ଓଜନରେ ଦିଆଯାଉନାହିଁ। ଗାଁ କଲ୍ୟାଣ ସମିତି ଟଙ୍କା ମଧ୍ୟ ଠିକ୍ ଭାବେ ବିନିଯୋଗ କରାଯାଉନାହିଁ। ଅଚଳ ନଳକୂପ ମରାମତି ପାଇଁ ଟଙ୍କା ସରକାର ଯୋଗାଇ ଦେଉଥିଲେ ମଧ୍ୟ ଏ ସବୁର ମରାମତି କରାଯାଉ ନାହିଁ। ପଞ୍ଚାୟତରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ପିଲାଙ୍କୁ କାଞ୍ଚିଆ ଅଣ୍ଡା, ଗମରା ବାଦାମ ଲଡୁ ଓ ଗମରା ଛତୁଆ ପ୍ରଦାନ କରାଯାଉଛି। ଉନ୍ନୟନ ମୂଳକ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇ ଅର୍ଥ ହଡ଼ପ ଚାଲିଛି। ତେଣୁ ଏ ସବୁର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଞ୍ଚାୟତବାସୀ ବିଡିଓ କଲ୍ୟାଣୀ ପଟ୍ଟନାୟକଙ୍କୁ ଦାବିପତ୍ର ଦେଇଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ଏହାର କୌଣସି ବିଚାର କରା ନ ଗଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ମାନସ ରଞ୍ଜନ ମଲ୍ଲିକ, ପ୍ରଶାନ୍ତ ରାଉତ, ଜନ୍ମେଜୟ ବାହାଲିଆ, କ୍ଷୀରୋଦ ଦେଠୀ, ପ୍ରିୟରଞ୍ଜନ ସ୍ୱାଇଁ, ଦ୍ୱିଜବର ବାରିକ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ତୁଷାର ନାୟକ, ଶରତ ବେହେରା, ସୁବାସ ମହାନ୍ତି, ନବୀନ ଜେନା, ଅରୁଣ ମୁଦୁଲି ପ୍ରମୁଖ ଏହି ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ପଞ୍ଚାୟତବାସୀ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

## ସିପିଆଇ(ଏମ୍)ର ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସ ପାଳନ ଅବସରରେ ଉପସ୍ଥିତ ସିପିଆଇ (ଏମ୍)ର କର୍ମକର୍ତ୍ତା।

ବାଲିଆ,୧୭।୧୦

ସିପିଆଇଏମର ୧୦୦ତମ ପ୍ରତିଷ୍ଠା ଦିବସ ବିରିଡ଼ିସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପାଳିତ ହୋଇଛି। ଭାରତ ବର୍ଷରେ କମ୍ୟୁନିଷ୍ଟ ଆନ୍ଦୋଳନର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି ଉତ୍ସବ ପାଳନ କରାଯାଇଥିଲା। ଏଥିରେ ସିପିଆଇଏମ ରାଜ୍ୟ କମିଟି ସଭ୍ୟ ଲୋଭାକାନ୍ତ ସ୍ୱାଇଁ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସହିଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସେ କହିଲେ ଯେ, ସ୍ୱାଧୀନତା ଆନ୍ଦୋଳନଠାରୁ ଆଜି ପର୍ଯ୍ୟନ୍ତ ଆମ ଦେଶରେ କମ୍ୟୁନିଷ୍ଟ ଆନ୍ଦୋଳନ ତିଷ୍ଠି ରହିଛି। କ୍ଷୁଧାତୁର, ଦରିଦ୍ର, ବେକାରୀ ସମସ୍ୟା ଓ ମହାମାରୀ ଦେଶରେ ଥିବାଯାଏ କମ୍ୟୁନିଷ୍ଟ ଆନ୍ଦୋଳନ ଚାଲୁଥିବ। ଇଂରେଜ ଶାସନ କବଳରୁ ଦେଶକୁ ମୁକୁଳାଇବା ପାଇଁ ବହୁ କମ୍ୟୁନିଷ୍ଟ ନେତା ପ୍ରାଣବଳି ଦେଇଥିଲେ। ଅନେକ ଜେଲରେ ନିଜ ଜୀବନକୁ ତିଳ ତିଳ କରି ଜାଳିଥିଲେ। ହେଲେ ସେତେବେଳ ବ୍ରିଟିଶଙ୍କୁ ସହଯୋଗ କରୁଥିବା ଗୋଷ୍ଠୀ ଆଜି ଦେଶରେ କ୍ଷମତାସୀନ ହୋଇ ଦେଶଭକ୍ତି କଥା କହୁଛନ୍ତି। କାର୍ଯ୍ୟକ୍ରମରେ ସିପିଆଇଏମ ଜିଲା କମିଟି ସଭ୍ୟ ଯୁଧିଷ୍ଠିର ଦାସ, ଗଣେଶ ଚନ୍ଦ୍ର ମାଣିଆ, ବିରିଡ଼ି ବ୍ଲକ ଆଞ୍ଚଳିକ କମିଟି ସମ୍ପାଦକ ଦେଣ୍ଟୁଧର ବାରିକ, ନଟବର ପଲେଇ, ବର୍ଷା ବାରିକ ଓ ଅନ୍ୟମାନେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

## ନିଆରା ଢଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିଲେ କର୍ମୀ

ନାଉଗାଁ,୧୬।୧୦(ସ୍ୱ.ପ୍ର.)

ନାଉଗାଁ ବ୍ଲକ ତିରୁଣା ଗ୍ରାମର ବିଜେଡି କର୍ମୀ ଦେବବ୍ରତ ତ୍ରିପାଠୀ ନିଆରା ଢଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ କରିଛନ୍ତି। ଗ୍ରାମରେ ଥିବା ଭିନ୍ନକ୍ଷମ ତଥା ଅସହାୟ ବୃଦ୍ଧାବୃଦ୍ଧଙ୍କୁ ସେ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଗ୍ରାମର ସୁବାଣୀ ଦଳାଇ, ଜଗତା ପରିଡ଼ା, ସୂର୍ଯ୍ୟକାନ୍ତ ଦଳାଇ ପ୍ରମୁଖଙ୍କୁ ମିଠା ଓ ବସ୍ତ୍ର ବଣ୍ଟନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଥିଲେ।

## ରଙ୍ଗମିସ୍ତ୍ରିଙ୍କ ପ୍ରଶିକ୍ଷଣ ଶିବିର

ବିରିଡ଼ି,୧୭।୧୦(ଡି.ଏନ.ଏ.)

ବିରିଡ଼ି ବ୍ଲକ ୨୨ମୌଜା ନିକଟ ସାଇଲୋ ଝାରପଡ଼ା ନିକଟରେ ରାଜମିସ୍ତ୍ରିମାନଙ୍କ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ବର୍ଗର ରଙ୍ଗ କମ୍ପାନୀର ସେଲ୍ସ ଅଫିସର ସୁକାନ୍ତ କୁମାର ସାହୁ ଓ ରଶ୍ମୀରଞ୍ଜନ ଜେନା ରଙ୍ଗ ମିସ୍ତ୍ରିମାନଙ୍କୁ କିପରି ଭାବେ ରଙ୍ଗ ବ୍ୟବହାର କରିବେ ତାହାର କୌଶଳ ସେମାନଙ୍କୁ ବୁଝାଇଥିଲେ। ଏଥିରେ ବାବା ବିଶ୍ୱନାଥ ପେଣ୍ଟର୍ସର ମୁଖ୍ୟ ଗଙ୍ଗାଧର ସେଠୀ ଉପସ୍ଥିତ ଥିଲେ। ପ୍ରାୟ ୧୦୦ଜଣ ରଙ୍ଗ ମିସ୍ତ୍ରୀ ଉପସ୍ଥିତ ରହି ରଙ୍ଗର କୌଶଳ ସମ୍ପର୍କରେ ଶିକ୍ଷାଲାଭ କରିଥିଲେ। କମ୍ପାନୀ ପକ୍ଷରୁ ଗଙ୍ଗାଧର ସେଠୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## ବିଜେଡିର ପଦଯାତ୍ରା ପ୍ରସ୍ତୁତି ବୈଠକ

ବିରିଡ଼ି,୧୭।୧୦(ଡି.ଏନ୍.ଏ.)

ବିରିଡ଼ି ବ୍ଲକରେ ବିଜେଡିର ପଦଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ବାଲିଆଷ୍ଟୋରଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ପୂର୍ବତନ ଅଧ୍ୟକ୍ଷ ରବିନାରାୟଣ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଆସନ୍ତା ରବିବାର ପଦଯାତ୍ରା କରିବାକୁ ସ୍ଥିର ହୋଇଥିଲା। ଏଥିରେ ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଦାସ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସଭାପତି ଜେନା ସୂଚନା ଦେଇଥିଲେ। ବୈଠକରେ ନୃସିଂହ କୁମାର ଦାଶ, ନେତ୍ରାନନ୍ଦ ପାତ୍ର, ଜିଲାପରିଷଦ ସଭ୍ୟା ଲତା ଦାସ, ସଭ୍ୟ ପ୍ରତାପ ବେହେରା, ପ୍ରଦୀପ୍ତ ଭୂୟାଁ, ପବିତ୍ର ପଶାୟତ, ମୀରଆଜମିର ଅଲ୍ଲୀ, ଅଜୟ ଭୋଇ, ଗୋପାଳ ଦାସ, ସୁଦର୍ଶନ ବେହେରା, ସରପଞ୍ଚ ଅମିତ ରାଉଳ, ପ୍ରଶାନ୍ତ ବେହେରା, ଧନଞ୍ଜୟ ରାଉତ, ସୁରେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ନେତ୍ରାନନ୍ଦ ରାୟଙ୍କ ବିୟୋଗରେ ଶୋକ

ବାଲିଆ,୧୭।୧୦

ଅଡଙ୍ଗଗଡ଼ ନାଇଲୋସ୍ଥିତ ଯଶୋବନ୍ତ ସାହିତ୍ୟ ଓ ସଂସ୍କୃତି ସଂସଦର ସ୍ଥାୟୀ ସଭାପତି ତଥା ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ଅବସରପ୍ରାପ୍ତ ସ୍ୱତନ୍ତ୍ର ସଚିବ ନେତ୍ରାନନ୍ଦ ରାୟଙ୍କ ଗତ ୧୦ ତାରିଖରେ କଟକସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଥିଲା। ଅଡଙ୍ଗ ନାଇଲୋ ସ୍ଥିତ ଯଶୋବନ୍ତ ସାହିତ୍ୟ ସଂସଦ ତରଫରୁ ସ୍ୱର୍ଗତ ରାୟଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ଏଥିରେ ସଂସଦର କାର୍ଯ୍ୟକାରୀ ସଭାପତି ପଦ୍ମନାଭ ଭୋଇ ଅଧକ୍ଷତା କରିଥିଲେ। ସମ୍ପାଦକ ସୀତାଂଶୁ ଶେଖର ରାୟ, ସଭ୍ୟ ଗଗନ ବିହାରୀ ଦାସ, ଲିଙ୍ଗରାଜ ମଲ୍ଲ, ବିଶ୍ୱନାଥ ଦାସ, ଅଶୋକ ଦାସ, ସୁଧାଂଶୁ ସାହୁ, ଅଲେଖ ବାରକ, ସୁବ୍ରତ ପ୍ରସାଦ ମହାପାତ୍ର, ବସନ୍ତ ବେହେରା ପ୍ରମୁଖ ଯୋଗଦେଇ ତାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଯଶୋବନ୍ତ ପ୍ରତିଭା ସମ୍ମାନରେ ସମ୍ମାନିତ ଅଡଙ୍ଗ ନାଇଲୋ ଗ୍ରାମର ସାହିତ୍ୟିକ ଡ. ଲାବନ୍ୟ ନାୟକଙ୍କ ଦେହାନ୍ତ ଘଟିଥିବାରୁ ତାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଯଶୋବନ୍ତ ସାହିତ୍ୟ ଓ ସଂସ୍କୃତି ସଂସଦର କର୍ମକର୍ତ୍ତା।

## ପ୍ରହସନ ପାଲଟିଛି ରାସ୍ତାରୁ ଧୂଳି ସଫେଇ

# ନିୟମ ରହିଛି, କାର୍ଯ୍ୟକାରୀ ହେଉନି

ପାରାଦୀପ, ୧୭।୧୦(ସ୍ୱ.ପ୍ର.)



■ବଦଳିଯାଉଛି ଦେହ, ପୋଷାକର ରଙ୍ଗ

■ରାସ୍ତାରେ ଜମିଛି ଆଣ୍ଠୁଏ ବହଳ ଧୂଳି

ମାତ୍ରାଧିକ ପ୍ରଦୂଷଣ ଯୋଗୁ ପାରାଦୀପ ଶିଳ୍ପ ନଗରୀକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କ୍ରିଟିକାଲ ଏରିଆ ବା ବିପଦପୂର୍ଣ୍ଣ ଅଞ୍ଚଳ ଘୋଷିତ କରିସାରିଛି। ଦିନକୁ ଦିନ ଏଠାରେ ପ୍ରଦୂଷଣର ମାତ୍ରା ବଢିଚାଲିଥିବାବେଳେ ଏବେ ଅଦିନିଆ ଧୂଳି କୁହୁଡ଼ି ଦେଖିବାକୁ ମିଳିଛି। ବିଶେଷକରି ଅଠରବାଙ୍କିଠାରୁ ଦୋଛକି ପର୍ଯ୍ୟନ୍ତ ୪.୫ କି.ମି. ରାସ୍ତା ଉପରେ ଧୂଳି ଆସ୍ତରଣ ସବୁବେଳେ ରହୁଛି। ସେହି ରାସ୍ତାରେ ଗଲେ ପୋଷାକ, ଶରୀର, ଗାଡ଼ିର ରଙ୍ଗ ବଦଳି ଯାଉଛି। ପ୍ରତିବର୍ଷ ଅକ୍ଟୋବରରୁ ମାର୍ଚ୍ଚ ମାସ ଯାଏ, ଏହି ଅଞ୍ଚଳରେ ଧୂଳି ବଳୟ ଲାଗି ରହୁଛି। ସେହି ଧୂଳିବଳୟ କିଛି ମାତ୍ରାରେ କମ କରିବା ପାଇଁ ୨୦୧୭ ମାର୍ଚ୍ଚ ମାସରେ ତତ୍କାଳୀନ ଜିଲାପାଳ ଯାମିନୀ ଷଡ଼ଙ୍ଗୀ ଏକ ପଦକ୍ଷେପ ନେଇଥିଲେ। ଭାରିଯାନ ଚଳାଚଳ କରୁଥିବା ସେହି ରାସ୍ତାର ଧୂଳିକୁ ପିପିଏଲ୍, ଇଫ୍‌କୋ, ଏସାର ଷ୍ଟିଲ ଓ ୩ଟି ତେଲ କମ୍ପାନୀର ଟର୍ମିନାଲ ସଫା କରିବେ ବୋଲି କୁହାଯାଇଥିଲା। ସେହି ହିସାବରେ ରାସ୍ତାର ସୀମା ନିର୍ଦ୍ଧାରଣ କରାଯାଇ ଝାଡୁ ଦ୍ୱାରା ସଫେଇ କରିବାକୁ ନିଷ୍ପତ୍ତି ହୋଇଥିଲା।

ସେହି ଅନୁଯାୟୀ, କିଛି ମାସ କମ୍ପାନୀମାନେ ଠିକାସଂସ୍ଥା ଦ୍ୱାରା ଝାଡୁ ଝୁଡି ଦ୍ୱାରା ରାସ୍ତା ସଫେଇ କରିଥିଲେ। କିନ୍ତୁ ଗତ ବର୍ଷେ ହେଲା ଆଉ ସଫେଇ କରାଯାଉନାହିଁ। ରାସ୍ତା ଉପରେ ଭାରିଯାନରୁ ନିର୍ଗତ କୋଇଲା ଓ ଲୁହାପଥର ଗୁଣ୍ଡ ସବୁବେଳେ ପଡୁଛି। ସେହି ଧୂଳି ଏବେ ରାସ୍ତାର ଦୁଇ ପାର୍ଶ୍ୱରେ ଆଣ୍ଠୁଏ ବହଳ ଗଦା ହୋଇଗଲାଣି। ଖରା ହେଲେ ଧୂଳି ହୋଇ ଉଡୁଛି। ବର୍ଷା ହେଲେ କାଦୁଅ ପଚପଚ ହେଉଛି। ସେହି ରାସ୍ତା ପାର୍ଶ୍ୱରେ ଅଛି ବିଜୟଚନ୍ଦ୍ରପୁରର ବିଶାଳ କଲୋନୀ। ଅପରପାର୍ଶ୍ୱରେ ତାଳଦଣ୍ଡା କେନାଲ ଓ ଲକ୍‌ପଡ଼ା ବସ୍ତି। ରାସ୍ତାର ଧୂଳି ଜନବସତିରେ ଉପରେ ବ୍ୟାପକ ପ୍ରଭାବ ପକାଉଛି ବୋଲି କୁହନ୍ତି ବିଜୟଚନ୍ଦ୍ରପୁର ବାସିନ୍ଦା ସବିତା ମହାପାତ୍ର। ସକାଳ ସନ୍ଧ୍ୟାରେ ଦୁଇଥର ଘର ଚଟାଣ ସଫା କଲେ ମଧ୍ୟ କଳା ଯାଉନାହିଁ। ନାକ କାନରେ କଳାଗୁଣ୍ଡ ପଶି ଅଣନିଃଶ୍ୱାସୀ ଲାଗୁଛି ବୋଲି ସେ ପ୍ରକାଶ କରିଛନ୍ତି। ଏହି ସଫେଇ ନିୟମ ଏବେ ମଧ୍ୟ ବଳବତ୍ତର ଅଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି। କିନ୍ତୁ ସଫା ନ ହେବା ପ୍ରସଙ୍ଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଏ ପ୍ରସଙ୍ଗରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ରମେଶ ଚନ୍ଦ୍ର ଏକ୍କାଙ୍କୁ ପଚାରିବାରେ ସେ କୁହନ୍ତି, ନିୟମ ବଳବତ୍ତର ଅଛି। କାହିଁକି ସଫା କରାଯାଉନାହିଁ ସେ ନେଇ ଗୁରୁବାର ସମ୍ପୃକ୍ତ କମ୍ପାନୀଗୁଡିକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଯଦି ସପ୍ତାହକ ମଧ୍ୟରେ ସଫେଇ କରା ନ ଯାଏ, ତେବେ ଜିଲାପାଳଙ୍କୁ ଅବଗତ କରାଯିବ ଓ ତାଙ୍କ ନିର୍ଦ୍ଦେଶ ଅନୁସାରେ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ସମସ୍ତଙ୍କ ଭିତରେ ତୁମେ ନିଜକୁ ଚିହ୍ନ। ଭଗବାନଙ୍କୁ ଭଲ ପାଅ। ଭଗବାନଙ୍କ ଗୁଣ କୀର୍ତ୍ତନ କର। ଯାହାର ବୋଝ ବୋହିପାରିବାର ସାମର୍ଥ୍ୟ ଅଛି, ସେହି ହିଁ କେବଳ ବୋଝ ବୋହିପାରିବ।
- ଗୁରୁ ନାନକ



## ଆଜି କ'ଣ କେଉଁଠି

- ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ। ସ୍ଥାନ-ଗୌତମ ବୁଦ୍ଧ ସଂସ୍କୃତି ଭବନ, ଯାଜପୁର। ସମୟ-ପୂର୍ବାହ୍ନ ୧୦ଟା।

## ନାବାଳିକାଙ୍କ ଆତ୍ମହତ୍ୟା

**ରସୁଲପୁର,୧୭।୧୦(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ଅତଲାପୁର ଗ୍ରାମରେ ଗୁରୁବାର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ନାବାଳିକା(୧୭) ଆତ୍ମହତ୍ୟା କରିଛନ୍ତି। ପାରିବାରିକ କଳହରୁ ଏହି ଦୁଃଖଦ ଘଟଣା ଘଟିଛି ବୋଲି କୁହାଯାଉଛି। ପରିବାରରେ ଭଉଣୀଭାଇଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାକୁ କେନ୍ଦ୍ରକରି ନାବାଳିକା ଜଣକ ପୂର୍ବାହ୍ନ ୧୦ଟା ବେଳେ ନିଜ ଓଢ଼ଣିରେ ଫାଶୀ ଦେଇ ଆତ୍ମହତ୍ୟା କରିଥିଲେ। ଏ ସମ୍ପର୍କରେ ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଯାଜପୁରକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ-୧୫/୧୯) ରୁଜୁ କରି ଘଟଣା ତଦନ୍ତ ଜାରି ରଖିଛି।

## ଗାଧୋଇବାକୁ ଯାଇ ଭାସିଗଲେ ବୃଦ୍ଧ

**ଯାଜପୁର ଟାଉନ,୧୭।୧୦(ଡିଏନଏ):** ଯାଜପୁର ଥାନା ଚଇନପୁର ପଞ୍ଚାୟତ ଗୁରୁଦାସପୁର ଗ୍ରାମର ବଳମାଳୀ ଜେନା(୬୫) ନାମକ ଜଣେ ବୃଦ୍ଧ ଗୁରୁବାର ମଧ୍ୟାହ୍ନରେ ସ୍ଥାନୀୟ ବୁଢ଼ାନଦୀକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ବନମାଳୀ ଅଢଙ୍ଗ ସେତୁ ନିକଟ ଘାଟରେ ଗାଧୋଉଥିଲେ। କିନ୍ତୁ ଦୀର୍ଘ ସମୟ ପରେ ଘରକୁ ନ ଫେରିବାରୁ ଲୋକେ ଖୋଜାଖୋଜି କରିଥିଲେ। ଦିନ ପ୍ରାୟ ୧ଟାବେଳେ ବନମାଳୀ ଗାଧୋଉଥିବା ସମୟରେ ନଦୀରେ ଭାସି ଯାଇଥିବା ଅନୁମାନ କରାଯାଉଛି। ତେବେ ବନମାଳୀ ନଦୀରେ ଭାସି ଯାଇଥିବା ସନ୍ଦେହ କରି ସ୍ଥାନୀୟ ଲୋକେ ଦମକଳବାହିନୀଙ୍କୁ ଫୋନ କରିଥିବାବେଳେ ଘଟଣାର ଦୀର୍ଘ ୨ଘଣ୍ଟା ପରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଆସି ଖୋଜାଖୋଜି କରିଥିଲେ। ମାତ୍ର ବନମାଳୀଙ୍କୁ ନଦୀରୁ ଠାବ କରିପାରି ନାହାନ୍ତି।

## ପେନସନ୍ ଅଦାଲତ ଆୟୋଜନ ପାଇଁ ବୈଠକ

**ଯାଜପୁର ଟାଉନ,୧୭।୧୦(ଡିଏନଏ):** ଅମୀମାଂସିତ ଥିବା ପେନ୍‌ସନ ମାମଲାଗୁଡ଼ିକୁ ତୁରନ୍ତ ଫଇସଲା କରିବା ପାଇଁ ଜିଲାପାଳ ଗୁରୁବାର ପରାମର୍ଶ ଦେଇଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ୧୬୬ତମ ପେନସନ୍ ଅଦାଲତର ଆୟୋଜନ ପାଇଁ ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଣେ କର୍ମଚାରୀଙ୍କର ସର୍ବଶ୍ରେଷ୍ଠ ଓ ସର୍ବଶେଷ ସମ୍ବଳ ପେନ୍‌ସନ ହୋଇଥିବାରୁ ଏହାକୁ ଅଗ୍ରାଧିକାର ଭିତ୍ତିରେ ପ୍ରଦାନ କରାଯିବା ଦରକାର ବୋଲି କହିଛନ୍ତି। ବୈଠକରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ନିର୍ଦ୍ଦେଶକ ସୁଧାଂଶୁ ଶେଖର ଭୂୟାଁ ଯୋଗଦେଇ ପେନ୍‌ସନ ଅଦାଲତର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କ ସଂଯୋଜନାରେ ଏ.ଜି ଅଫିସର ମନୋରଞ୍ଜନ ପାଣିଗ୍ରାହୀ, ସୁଶୀଲ କୁମାର ମିଶ୍ର, କୈଳାଶ କୁମାର ସାମଲ, ସୁବୋଧ କୁମାର ଦାସ, ଗଦାଧର ନାୟକ, ଛତିଶ ସୋରେନ୍ ପ୍ରମୁଖ ଯୋଗଦେଇ ସମୀକ୍ଷାରେ ସହଯୋଗ କରିଥିଲେ।

ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

## ଉଚ୍ଚସ୍ତରୀୟ ତଦନ୍ତ ଦାବି କଲା ସଂଘ

**ଯାଜପୁର ଟାଉନ,୧୭।୧୦(ଡିଏନଏ)-** ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଜିଲାପାଳଙ୍କୁ ଭେଟି ଉଚ୍ଚସ୍ତରୀୟ ତଦନ୍ତ ଦାବି କଲା ନିଖିଳ ଓଡ଼ିଶା ପଞ୍ଚାୟତ କାର୍ଯ୍ୟନିର୍ବାହୀ ସଂଘ। ଧର୍ମଶାଳା ବ୍ଲକ ହରିଦାସପୁର ଗ୍ରାମ ପଞ୍ଚାୟତର କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ସ୍ମିତାରାଣୀ ବିଶ୍ୱାଳ ହରିଦାସପୁର ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ଗେଷ୍ଟହାଉସ୍‌ଠାରେ ସନ୍ଦେହଜନକ ଭାବେ ମୃତ୍ୟୁବରଣ କରିଥିଲେ। ଏପର୍ଯ୍ୟନ୍ତ ପୋଲିସ ହତ୍ୟା ଘଟଣାର ରହସ୍ୟ ଉନ୍ମୋଚନ କରିପାରି ନାହିଁ। ସ୍ମିତାରାଣୀଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିବାବେଳେ ଗୁରୁବାର ନିଖିଳ ଓଡ଼ିଶା ପଞ୍ଚାୟତ କାର୍ଯ୍ୟନିର୍ବାହୀ ସଂଘ ସଭାପତି ପରେଶ କୁମାର ସାମଲ, ସମ୍ପାଦକ ସୁବାସ ଚନ୍ଦ୍ର ରାଉତ, ଉମେଶ ମହାପାତ୍ର, ମଦନ ମୋହନ ନାୟକ, ଧ୍ରୁବଚରଣ ଦାସ, ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଜିଲାପାଳଙ୍କୁ ଭେଟି ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଅନୁରୋଧ କରିଛନ୍ତି।

## ଜିଲା ଯୋଗାଣ ବିଭାଗରେ ବ୍ୟାପକ ହେରଫେର

# ଅଡିଟ ରିପୋର୍ଟର ହେଲାନି ଅନୁପାଳନ

- ସିଏସଓ, ଆକାଉଣ୍ଟ ମୁଖ୍ୟ ଦାୟୀ
- ସ୍ୱଚ୍ଛତା ଆଣିବାକୁ ଉଦ୍ୟମ କରିଥିବା ଅଧିକାରୀଙ୍କୁ ବଦଳି
- ନଭେମ୍ବର ୧୫ସୁଦ୍ଧା ଅନୁପାଳନ ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ଯାଜପୁର ଅଫିସ,୧୭।୧୦**

ଜିଲା ପ୍ରଶାସନରେ ଗୁରୁଦାୟିତ୍ୱ ବହନ କରୁଥିବା ଯୋଗାଣ ବିଭାଗରେ ବ୍ୟାପକ ଅନିୟମିତତା ଓ କର୍ତ୍ତବ୍ୟରେ ଅବହେଳା କରାଯାଉଛି। ୨୦୧୫ ନଭେମ୍ବରଠାରୁ ୨୦୧୭ମାର୍ଚ୍ଚ ପର୍ଯ୍ୟନ୍ତ ଅନ୍ତରୀଣ ଅଡିଟ ରିପୋର୍ଟର ପାରା ଭିତ୍ତିକ ଅନୁପାଳନ ହୋଇ ନ ଥିବାରୁ ରାଜ୍ୟ ଯୋଗାଣ ନିଗମର ଫାଇନାନ୍‌ସିଆଲ ଆଡଭାଇଜର ଓ ଚିଫ୍ ଆକାଉଣ୍ଟ ଅଫିସର ତାଙ୍କ ପତ୍ରସଂଖ୍ୟା ୧୫୧୦୧/୧୬।୧୦।୨୦୧୯ରେ ଏଭଳି ମନ୍ତବ୍ୟ ଦେଇଛନ୍ତି। ଅନ୍ୟପକ୍ଷେ ଅଡିଟ ରିପୋର୍ଟରେ ବ୍ୟାପକ ଅନିୟମିତତା କରାଯାଇ ୬୨,୩୦୧ ଟଙ୍କା ଅସୁଲଯୋଗ୍ୟ ଓ ୩୯,୮୨,୫୬୪.୬୮ ଟଙ୍କାର କାରବାର ଉପରେ ପ୍ରଶ୍ନବାଚୀ ଲାଗିଛି। ହେଲେ ବିଭାଗ ପକ୍ଷରୁ ବାରମ୍ବାର ଏହାକୁ ଅନୁପାଳନ କରିବାକୁ ନିର୍ଦ୍ଦେଶ ହେଉଥିଲେ ହେଁ ଜିଲା ଯୋଗାଣ ବିଭାଗର ଆକାଉଣ୍ଟ ମୁଖ୍ୟ ଓ ଯୋଗାଣ ଅଧିକାରୀ ଅସମର୍ଥ ହୋଇଛନ୍ତି। ଗତ ୯ମାସ ହେଲା ଏହି ପ୍ରକ୍ରିୟାକୁ ପାଳନ କରିବାରେ ବିଭାଗ ବିଫଳ ହୋଇଥିବାରୁ ଜିଲା ଅକାଉଣ୍ଟ ମୁଖ୍ୟ ଓ ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ)ଙ୍କୁ ଏଥିପାଇଁ ଦାୟୀ କରାଯାଉଛି। ଆସନ୍ତା ୧୫।୧୧।୨୦୧୯ ତାରିଖ ସୁଦ୍ଧା ନିଶ୍ଚିତ ଭାବେ ଆବଶ୍ୟକ ଦିଲିଲଯୁକ୍ତ ସାକ୍ଷ୍ୟପ୍ରମାଣ ସହ ଅଡିଟ ରିପୋର୍ଟର ଅନୁପାଳନ କରିବାକୁ ବିଭାଗ ପକ୍ଷରୁ ତାଗିଦ କରାଯାଇଛି।

ଯାଜପୁର ଜିଲା ଯୋଗାଣ ବିଭାଗର ଚାଉଳ ସଂଗ୍ରହ କେନ୍ଦ୍ର(ଆର୍‌ଆର୍‌ସି)ରେ ଆକାଉଣ୍ଟ ବିଭାଗ କର୍ମଚାରୀଙ୍କ ଜରିଆରେ ଲକ୍ଷାଧିକ ଟଙ୍କା ବେଆଇନ ଭାବେ ଆଦାୟ ହେଉଥିବା ପୂର୍ବରୁ ଅଭିଯୋଗ ହୋଇ ଆସୁଛି। ଏଭଳି ଦୁର୍ନୀତିକୁ ସଜାଡି ବିଭାଗରେ ସ୍ୱଚ୍ଛତା ଆଣିବାକୁ ଜିଲା ଯୋଗାଣ ବିଭାଗର ଜଣେ ଅଧିକାରୀ ଉଦ୍ୟମ କରିଥିଲେ। କିନ୍ତୁ ତାଙ୍କୁ ବିନାକାରଣରେ ଦଣ୍ଡସ୍ୱରୂପ ବହୁ ଦୂରକୁ ବଦଳି କରି ଦିଆଯାଇଥିଲା। ଏହାପରେ ଯୋଗାଣ ବିଭାଗରେ ଅନିୟମିତତା ଓ ହେରାଫେରି ପୂର୍ବାପେକ୍ଷା ଦ୍ୱିଗୁଣିତ ହୋଇଛି ବୋଲି ଚର୍ଚ୍ଚା ହେଉଛି। ଏଠାରେ ରାଜ୍ୟ ସରକାରଙ୍କ ୫-ଟି ଆଇନ ଓ ମୋ ସରକାର ତୁଚ୍ଛ ବୋଲି ମନେ ହେଉଛି। ବାହାର ଜିଲାରୁ ଆସୁଥିବା ଚାଉଳରୁ ଅତି ଚତୁରତାର ସହ କୁଇଣ୍ଟାଲ ପିଛା ୧୦ଟଙ୍କା ହିସାବରେ ବର୍ଷକୁ ପ୍ରାୟ ୩୦ଲକ୍ଷ ଟଙ୍କା ଆଦାୟ ହେଉଛି। ଏଥିରେ ବିଭାଗୀୟ ଆସିଷ୍ଟାଣ୍ଟ ମ୍ୟାନେଜର ଆକାଉଣ୍ଟ(ଏଏମ୍‌ଏ), ଆର୍‌ଆର୍‌ସିର ସଂଗ୍ରହ ନୀରିକ୍ଷକ(ପିଆଇ), ଆର୍‌ଆର୍‌ସି ମ୍ୟାନେଜରର ପ୍ରମୁଖଙ୍କ ସମ୍ପୃକ୍ତି ରହିଥିବା କୁହାଯାଉଛି। ଏନେଇ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହେବା ପରେ ଯୋଗାଣ ନିଗମର ଜେନେରାଲ ମ୍ୟାନେଜର(ଜିଏମ୍) ନରହରି ସେଠୀ ତାଙ୍କ ପତ୍ରସଂଖ୍ୟା ୬୧୨୦/୨୪।୪।୨୦୧୯ ଓ ୩୮୪୮/୧୩।୩।୨୦୧୯ରେ ଯାଜପୁର ଜିଲା ଯୋଗାଣ ଅଧିକାରୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ କୌଣସି ସୁଫଳ ମିଳି ପାରି ନ ଥିଲା। ଏହାପରେ ଜିଲା ଯୋଗାଣ ବିଭାଗ ଆକାଉଣ୍ଟ ସେକ୍ସନରେ ବ୍ୟାପକ ଅନିୟମିତା ହେଉଥିବା ସଂକ୍ରାନ୍ତରେ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କୁ ପୁଣି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକପତ୍ରରେ ଦର୍ଶାଯାଇଥିଲା ଯେ, ଯାଜପୁର ଜିଲା ଯୋଗାଣ ବିଭାଗର ଆକାଉଣ୍ଟ ସେକ୍ସନରେ ମନମୁଖୀ କାର୍ଯ୍ୟ ବୃଦ୍ଧି ହୋଇଛି। ବିଲ୍ ପାସ ହେବା ପରେ ଏହି ଦୁଇ ଅଧିକାରୀ ମିଲର୍ସ ଓ ଠିକାଦାରଙ୍କ ନିକଟରୁ ମୋଟା ଅଙ୍କର ପିସି ନେଇ ଭାଗବଣ୍ଟା କରିଥାନ୍ତି। ସମବାୟ ସମିତିରେ ଧାନ କ୍ୱିଣ୍ଟାଲ ପିଛା ୩/୫ କେଜି କଟନି ଛଟନି ହୋଇଥାଏ। ଏହି ବାବଦରେ ସମିତି କିମ୍ବା ମିଲର୍ସଙ୍କଠାରୁ ଅର୍ଥ ଆଦାୟ କରି ନିଜ ପକେଟ ଗରମ କରିଥାନ୍ତି। ଏନେଇ ଚାଷୀ ପ୍ରତିବାଦ କଲେ ଜିଲା ଓ ରାଜ୍ୟସ୍ତରର ଅଧିକାରୀଙ୍କୁ ସନ୍ତୁଷ୍ଟ କରିବାକୁ ଏହି ଟଙ୍କା ଦିଆଯାଇଥାଏ ବୋଲି ସହକାରୀ ମେନେଜର ପ୍ରକାଶ କରିଥାନ୍ତି। ଯେଉଁ ମିଲର୍ସ ପିସି ଦେବାରେ ମନା କରିଥାନ୍ତି ସେମାନଙ୍କ ଚାଉଳ ଡେଲିଭରି ସମୟରେ ଉଦ୍ଦେଶ୍ୟମୂଳକ ଭାବେ ବିଳମ୍ବ କରିଥାନ୍ତି। ଏଭଳି ଅନେକ ଦୁର୍ନୀତି ଓ ଅନିୟମିତତା ଚାଲିଥିଲେ ହେଁ ଜିଲା ଯୋଗାଣ ଅଧିକାରୀ ଆଖି ବୁଜି ଦେଇଛନ୍ତି। ଏପରି କି ଅନିୟମିତତା ସଂକ୍ରାନ୍ତରେ ତଦନ୍ତ କରାଯାଇ କୌଣସି ଅଭିଯୋଗରେ ସତ୍ୟତା ନାହିଁ ବୋଲି ଜିଲା ଯୋଗାଣ ଅଧିକାରୀ ମିଥ୍ୟା ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ। ଏବେ ଅଡିଟ ରିପୋର୍ଟରେ ବ୍ୟାପକ ଅନିୟମିତତା ଉପରେ ଅନୁପାଳନ କରିବାରେ ବିଭାଗୀୟ ବିଫଳତା ଉପରୋକ୍ତ ଅଭିଯୋଗଗୁଡିକରେ ସତ୍ୟତା ରହିଥିବା ଉପଲବ୍ଧି କରାଯାଇ ପାରୁଛି। ଏସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ହୋତାଙ୍କୁ ପଚାରିବାରେ ସେ କହିଛନ୍ତି କ୍ଲର୍କ ଛୁଟିରେ ରହିଛନ୍ତି। ସେ ଥିଲେ ଅଡିଟ ରିପୋର୍ଟ ଉପରେ କହି ପାରିଥାନ୍ତି। ତେବେ ରିପୋର୍ଟ ଉପରେ ଅନୁପାଳନ ହେବା କଥା ବୋଲି ସେ ସ୍ୱୀକାର କରିଛନ୍ତି।

## ଫନୀ ବିପନ୍ନ ଗୃହ କର୍ତ୍ତାଙ୍କୁ ୨କୋଟି ଟଙ୍କା ବଣ୍ଟନ

**ଧର୍ମଶାଳା,୧୭।୧୦(ଡି.ଏନ୍.ଏ.)**

ଚଳିତ ବର୍ଷ ଫନିବାତ୍ୟାରେ ଧର୍ମଶାଳା ତହସିଲରେ କ୍ଷତିଗ୍ରସ୍ତ ୬୨୭୯ ଜଣ ଗୃହକର୍ତ୍ତାଙ୍କୁ ଗୁରୁବାର ସୁଦ୍ଧା ୨କୋଟି ୭ଲକ୍ଷ ୭ହଜାର ୩ଶହ ଟଙ୍କା ତହସିଲ ପକ୍ଷରୁ ବ୍ୟାଙ୍କ ଜରିଆରେ ବଣ୍ଟନ କରାଯାଇଛି ବୋଲି ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଏହି ତହସିଲ ଅଧିନସ୍ଥ ୧୧ଟି ସର୍କଲର ୬ହଜାର ୩୦୪ଜଣ କ୍ଷତିଗ୍ରସ୍ତଙ୍କୁ ଯାଜପୁର ଜିଲାପାଳ ରଞ୍ଜନ ଦାସ ଗତ ମାସ ୨୯ତାରିଖର ଅନୁମୋଦନ କ୍ରମେ ୨କୋଟି ୮ଲକ୍ଷ ୭୮ହଜାର ୧୦୦ଟଙ୍କା ମଞ୍ଜୁର କରିଥିଲେ। ନାକପୋଲ ସର୍କଲର-୫ଜଣ, ତଳଗଡ଼-୫ଜଣ, ଆରୁହା-୩ଜଣ, ଶ୍ରୀନଗର-୮ଜଣ, ବଳରାମପୁର(୨) ସର୍କଲର-୪ଜଣ ମୋଟ ୨୫ଜଣଙ୍କ ପାଶ୍ ବୁକ ନମ୍ବର ଭୁଲ ଥିବାରୁ ସେମାନଙ୍କ ପାଇଁ ମଞ୍ଜୁର ହୋଇଥିବା ଏକଲକ୍ଷ ୭୦ହଜାର୮୦୦ଟଙ୍କା ପାଇବାକୁ ବାକି ଅଛି ବୋଲି ତହସିଲଦାର ସୂଚନା ଦେଇଛନ୍ତି। ଫନି ବାତ୍ୟାରେ ୩୩୯୨ କଚାଘର, ୩୩୮ଟି କୁଡ଼ିଆ ଘର,୧୯୭୪ଟି ଗୁହାଳ କ୍ଷତିଗ୍ରସ୍ତ ହୋଇଥିଲା ବୋଲି ଧର୍ମଶାଳା ତହସିଲଦାର ପଣ୍ଡା ସୂଚନା ଦେଇଥିଲେ।

### ବିଭିନ୍ନ ପ୍ରକଳ୍ପ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ

## ତଦନ୍ତ ଆରମ୍ଭ କଲା ଭିଜିଲାନ୍ସ



ଭିଜିଲାନ୍ସ ଟିମ୍ ପକ୍ଷରୁ ତଦନ୍ତ କରାଯାଉଛି।

**ରତ୍ନଗିରି/ବରୀ, ୧୭।୧୦ (ଡିଏନଏ/ସ୍ୱ.ପ୍ର.)**

ବରୀ ବ୍ଲକର ବିକାଶମୂଳକ କାର୍ଯ୍ୟରେ ହୋଇଥିବା ଅନିୟମିତତାକୁ ନେଇ ବାରମ୍ବାର ଅଭିଯୋଗ ହେବାପରେ ଗୁରୁବାର ଭିଜିଲାନ୍ସ ଦଳ ତଦନ୍ତ କରିଥିବା ଜଣାପଡିଛି। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନଠାରୁ ଆରମ୍ଭ କରି ବରୀ ସଚେତନ ଜାଗରଣ ମଞ୍ଚ ଏହି ଦୁର୍ନୀତିରେ ତଦନ୍ତ ପାଇଁ ଉପରିସ୍ଥ କର୍ମକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି କୌଣସି ସୁଫଳ ମିଳି ନ ଥିଲା। ପରବର୍ତ୍ତୀ ସମୟରେ ସ୍ଥାନୀୟ ଲୋକଙ୍କ ତରଫରୁ ଭିଜିଲାନ୍ସ ତଦନ୍ତ ପାଇଁ ଲିଖିତ ଅଭିଯୋଗ ହେବା ପରେ ଗୁରୁବାର ଯାଜପୁର ଭିଜିଲାନ୍ସ ଡିଏସ୍‌ପି ବନମାଳୀ ଦଳଙ୍କ ନେତୃତ୍ୱରେ ଏକ ତଦନ୍ତକାରୀ ଦଳ ବରୀରେ ପହଞ୍ଚି ଅଭିଯୋଗରେ ଦର୍ଶାଯାଇଥିବା ପ୍ରକଳ୍ପଗୁଡିକ ଉପରେ ବୈଷୟିକ ଯନ୍ତ୍ରୀଙ୍କ ସହିତ ତଦନ୍ତ କରିଥିଲେ। ସୂଚନାଯୋଗ୍ୟ ଯେ, ଜଲାଉଦ୍ଦିନ ଉର୍ଦ୍ଦୁ ୟୁଜିଏମ୍‌ଇ ବିଦ୍ୟାଳୟ, ବରୀପାଳସ୍ଥିତ ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ ପୁରୁଣା ଥାନା ଓ ପଞ୍ଚାୟତ ସମିତି ରାସ୍ତାଠାରୁ ଗୋରୁ ହାଟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗୋଟିଏ ରାସ୍ତା ଉପରେ ୨ଟି ରାସ୍ତା ଦର୍ଶାଯାଇ ଏହି କାର୍ଯ୍ୟରେ ୨୦ଲକ୍ଷ ଟଙ୍କା ବେଆଇନ ଭାବେ ଖର୍ଚ୍ଚ କରାଯାଇଥିବାରୁ ଏହାକୁ ତଦନ୍ତ ପରିସରଭୁକ୍ତ କରିଥିଲେ। ତଦନ୍ତବେଳେ ଭିଜିଲାନ୍ସ ଡିଏସ୍‌ପି ଧଳ, ପ୍ରଦୀପ୍ତ କୁମାର, ଶ୍ରୀକାନ୍ତ ନାୟକ ପ୍ରମୁଖ ଭିଜିଲାନ୍ସ କର୍ମଚାରୀ ଭିଜିଲାନ୍ସ ବିଭାଗ ସହିତ ବରୀ ବ୍ଲକ ସହକାରୀ ଯନ୍ତ୍ରୀ ଶୀତଲ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ଅଶୋକ ରାୟ, ଆର.ପି କାଲୋଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଡିଏସ୍‌ପି ଧଳଙ୍କୁ ପଚାରିବାରେ, ତଦନ୍ତ ପ୍ରକ୍ରିୟା ଶେଷ ହୋଇନାହିଁ। ବରୀ ବ୍ଲକର ଯେଉଁ ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି ତାହାର ଶୁକ୍ରବାର ମଧ୍ୟ ତଦନ୍ତ କରାଯିବ।

## ପାରିବାରିକ ହିଂସାକାଣ୍ଡ: ୨ ଗିରଫ

**ରସୁଲପୁର,୧୭।୧୦(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅଞ୍ଚଳରେ ୨ଟି ପାରିବାରିକ ହିଂସାକାଣ୍ଡରେ ୨ଜଣ ଅଭିଯୁକ୍ତଙ୍କୁ ଗୁରୁବାର କୁଆଖିଆ ପୋଲିସ ଗିରଫ କରିଛି। ଶ୍ରୀବନ୍ତପୁର ପଞ୍ଚାୟତ ଗୋପାଳ ପାଟଣା ଗ୍ରାମର ଶେଷଦେବ ସ୍ୱାଇଁ(୪୦)ଙ୍କୁ ପୋଲିସ ଚଣ୍ଡିଖୋଲ ଅଞ୍ଚଳରୁ ଗିରଫ କରିଥିବାବେଳେ ତାଙ୍କ ଭାଇ ଅର୍ଜୁନ ଫେରାର ଅଛନ୍ତି। ଏକ ଜମିବାଡି ଘଟଣାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଉପୁଜିଥିଲା। ଚକ୍ରଧର ସ୍ୱାଇଁଙ୍କ ପୁଅ ନିର୍ମଳ ଏସମ୍ପର୍କରେ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯକ୍ତ ଦୁଇ ଭାଇ ନିର୍ମଳ ଓ ତାଙ୍କ ସ୍ତ୍ରୀକୁ ମାଡ଼ମାରି ଆହତ କରିଥିଲେ। ଏ ସମ୍ପର୍କରେ ପୋଲିସ ଥାନାରେ ଏକ ମାମଲା(ନଂ.୨୬୨/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ସେହିପରି ଅନ୍ୟ ଏକ ଘଟଣାରେ ପାରିବାରିକ କଳହକୁ କେନ୍ଦ୍ରକରି ଗନ୍ଧଣ ଗ୍ରାମର ରମେଶ ବେହେରାଙ୍କ ସ୍ତ୍ରୀ କବିତାଙ୍କୁ ଆକ୍ରମଣ ହୋଇଥିଲା। ଏସମ୍ପର୍କରେ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୨୬୬/୨୦୧୯) ରୁଜୁ କରି ଅଭିଯୁକ୍ତ ବସନ୍ତ ବେହେରା(୪୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଠିକ୍ ସମୟରେ ପହଞ୍ଚିପାରୁନି ଅଗ୍ନିଶମ ବାହିନୀ

### ଦୂରତା ୫୦୦ ମିଟର, ୧ଘଣ୍ଟା ବିଳମ୍ବରେ ପହଞ୍ଚିଲା ସେବାଦଳ

**ରସୁଲପୁର,୧୭।୧୦(ଡି.ଏନ୍.ଏ.)**





ଅଗ୍ନି କାଣ୍ଡ, ସଡ଼କ ଦୁର୍ଘଟଣା, ବନ୍ୟା, ବାତ୍ୟା, ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟରେ ଅଗ୍ନିଶମ ବାହିନର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ। ଏହି ସେବାକୁ ସହଜ ଓ ସରଳ ଭାବରେ ଲୋକଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏ ଦମକଳ କେନ୍ଦ୍ର ଖୋଲାଯାଇଛି। ଏହି କ୍ରମରେ ରସୁଲପୁର ବ୍ଲକର ବିଜୁ ନଗର ଅଞ୍ଚଳରେ ଗୋଟିଏ ଦମକଳ କେନ୍ଦ୍ର ରହିଛି। ତେବେ ଏହି କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ କର୍ତ୍ତବ୍ୟରେ ଅବହେଳା ଯୋଗୁଁ ବିପନ୍ନଙ୍କୁ ଠିକ୍ ସମୟରେ ସେବା ମିଳିପାରୁ ନାହିଁ। ଯାହାର ଏକ ଉଦାହରଣ ବୁଧବାର ଦେଖିବାକୁ ମିଳିଛି। ଅପରାହ୍ନରେ କୁଆଖିଆ ବଜାରର ହରିପୁର ରୋଡରେ ଥିବା ବଜରଙ୍ଗୀ ଇଲେକ୍ଟ୍ରିକାଲ୍ସ, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ବିକ୍ରି ଓ ମରାମତି ଦୋକାନରେ ନିଆଁ ଲାଗିଥିଲା। ଦୋକାନୀ ମଧ୍ୟାହ୍ନ ଭୋଜନ ପାଇଁ ଦୋକାନରେ ତାଲା ପକାଇ ଘରକୁ ଯାଇଥିଲା। ତେବେ ଅପରାହ୍ନରେ ଦୋକାନ ଭିତରୁ ଧୂଆଁ ବାହାରକୁ ବାହାରିବା ଦେଖି ସ୍ଥାନୀୟ ଅଞ୍ଚଳର ଲୋକେ ଦମକଳ କେନ୍ଦ୍ର ୧୦୧ ନମ୍ବରରେ ଫୋନ କରିଥିଲେ। ମାତ୍ର କେହି ଫୋନ ଉଠାଇ ନ ଥିଲେ। ତେଣୁ ଖବର ଦେବାକୁ ଲୋକେ ଦମକଳ କେନ୍ଦ୍ରରେ ପହଁଚି ଯାଇଥିଲେ। ଲୋକେ କେନ୍ଦ୍ରରେ ପହଞ୍ଚିବା ବେଳକୁ କର୍ମଚାରୀମାନେ ୟୁନିଫର୍ମରେ ନ ଥିଲେ। ଅଗ୍ନିକାଣ୍ଡ ସମ୍ପର୍କରେ ଜାଣିବା ପରେ ପୋଷାକ ପରିଧାନ କରି ଦୁର୍ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ବିଦ୍ୟୁତ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିଲା। ବିଦ୍ୟୁତ ବିଭାଗ ପକ୍ଷରୁ ଲାଇନ କାଟି ଦିଆଯିବା ପରେ ଦୋକାନ ମାଲିକ ଓ ପାଖ ଦୋକାନୀଙ୍କ ସହାୟତାରେ ନିଆଁଲିଭା କାମ ଆରମ୍ଭ ହୋଇଯାଇଥିଲା। ଅଗ୍ନିକାଣ୍ଡ ଘଟିବା ସ୍ଥାନରୁ ଦମକଳ କେନ୍ଦ୍ର ମାତ୍ର ୫୦୦ମିଟର ଦୂରତାରେ ଥିଲେ ସୁଦ୍ଧା ଏହାର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବାକୁ ପ୍ରାୟ ୧ଘଣ୍ଟା ଲାଗି ଯାଇଥିଲା। ଯଦି ତତ୍‌କ୍ଷଣାତ ଅଗ୍ନିଶମ କର୍ମଚାରୀ ଆସି ଯାଇଥାନ୍ତେ ତେବେ ବହୁ ମୂଲ୍ୟବାନ ସାମଗ୍ରୀକୁ ଉଦ୍ଧାର କରାଯାଇପାରିଥାନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏଠାରେ ନିଯୁକ୍ତ ହୋଇଥିବା ଅଗ୍ନିଶମ ଅଧିକାରୀଙ୍କ ମାସେ ତଳୁ ଅନ୍ୟତ୍ର ବଦଳି ହୋଇଯାଇଥିବାରୁ ବିଭାଗ ସହ ଠିକ୍‌ରେ ଯୋଗାଯୋଗ ହୋଇପାରୁ ନାହିଁ। ଏପରି କି ତାଙ୍କ ସ୍ଥାନରେ ଅନ୍ୟ କାହାରିକୁ ନିଯୁକ୍ତି ଦିଆଯାଇ ନ ଥିବାରୁ ବିପନ୍ନଙ୍କୁ ଠିକ୍ ସମୟରେ ସେବା ମିଳିପାରୁ ନାହିଁ। ଅପରପକ୍ଷରେ ହାବିଲଦାର ନିରଞ୍ଜନ ପାଢୀ ନୂଆ କରି ଏହି ଅଞ୍ଚଳକୁ ବଦଳି ହୋଇଆସିଛନ୍ତି। ତେବେ ତାଙ୍କ ଫୋନ ନମ୍ବର ଜନସାଧାରଣଙ୍କ ନିକଟରେ ନଥିବାରୁ କେନ୍ଦ୍ର ସହ ଯୋଗାଯୋଗ ହୋଇପାରୁ ନାହିଁ। ଏ ସମ୍ପର୍କରେ ପାଢୀଙ୍କୁ ପଚାରିବାରୁ ଲ୍ୟାଣ୍ଡ ଲାଇନ ଖରାପ ଥିବାରୁ ୧୦୧ ଫୋନ ଲାଗୁନି। ଫଲ୍‌ସ ରିଙ୍ଗ ହେଉଛି ମାତ୍ର ଲୋକେ ସେମାନଙ୍କୁ ଖରାପ ଭାବୁଛନ୍ତି। ଏହାଛଡା ଆବଶ୍ୟକ ମୁତାବକ ଗ୍ୟାସ ତାଙ୍କ ନିକଟରେ ମହଜୁଦ ନାହିଁ। ସେ ଗୋଟିଏ ସିଓ-୨ ଗ୍ୟାସ ସିଲିଣ୍ଡର ନେଇଥିଲେ। ମାତ୍ର ସେଥିରେ ପର୍ଯ୍ୟାପ୍ତ ପରିମାଣର ଗ୍ୟାସ ନ ଥିଲା। ନିଆଁଲିଭାଇବା ପାଇଁ ଗ୍ୟାସ ବଦଳରେ ପାଣି ବ୍ୟବହାର କରିବାକୁ ପଡ଼ିଥିଲା ବୋଲି ପାଢ଼ୀ କହିଛନ୍ତି।

# ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁକୁ ନେଇ ଜୋର ଧରିଲା ଚର୍ଚ୍ଚା

### ନିରପେକ୍ଷ ତଦନ୍ତ ଦାବିକଲେ ବିରୋଧୀ

**ରସୁଲପୁର,୧୭।୧୦(ରଞ୍ଜିତ ରାଉତ)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ହରିଦାସପୁର ପଞ୍ଚାୟତ ନିର୍ବାହୀ ଅଧିକାରିଣୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ବୁଧବାର ସନ୍ଦେହଜନକ ମୃତ୍ୟୁ ଘଟଣାରେ ବିରୋଧୀ ଭାଜପା ଓ କଂଗ୍ରେସ ଗୁରୁବାର ରାସ୍ତାକୁ ଓହ୍ଲାଇଛନ୍ତି। ଘଟଣାର ନିରପେକ୍ଷ ତଥା ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଦାବି କରାଯିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେହିପରି ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ସ୍ମୃତିରେଖା ପହି ମୃତା ଅଧିକାରିଣୀଙ୍କ ଶାଶୁଘର ପରିବାର ଲୋକଙ୍କୁ ଭେଟିଛନ୍ତି। ଏଥିସହ ଯାଜପୁର ଏସ୍‌ପି ଚରଣ ସିଂ ମୀନାଙ୍କୁ ମଧ୍ୟ ଭେଟି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଶୁକ୍ରବାର ବିରୋଧୀ ଦଳ ନେତା ବିଷ୍ଣୁ ସେଠୀଙ୍କ ନେତୃତ୍ୱରେ ଭାଜପାର ଏକ ରାଜ୍ୟସ୍ତରୀୟ ପ୍ରତିନିଧିମଣ୍ଡଳୀ ହରିଦାସପୁର ପଞ୍ଚାୟତ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଦଳର ଜିଲା ସାଧାରଣ ସମ୍ପାଦକ ସର୍ବେଶ୍ୱର ବେହୁରା ସୂଚନା ଦେଇଛନ୍ତି।

### ପୋଲିସ ତଦନ୍ତ ଉପରେ ସମସ୍ତଙ୍କ ନଜର

ପିଇଓ ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ଖବର ସମଗ୍ର ଜିଲାରେ ଆଲୋଡ଼ନ ସୃଷ୍ଟି କରିଛି। ଏହା ଆତ୍ମହତ୍ୟା ନା ସୁପରିକଳ୍ପିତ ହତ୍ୟାକାଣ୍ଡ ସେନେଇ ସବୁ ବର୍ଗର ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ ସମସ୍ତଙ୍କ ନଜର ପୋଲିସ ତଦନ୍ତ ଉପରେ ରହିଛି। ସରପଞ୍ଚଙ୍କ ସ୍ୱାମୀଙ୍କ ଗେଷ୍ଟ ହାଉସରେ ଏଭଳି କାଣ୍ଡ ଘଟିଥିବାରୁ ରାଜନୈତିକ ହସ୍ତକ୍ଷେପ କଥା ସ୍ୱତଃସ୍ଫୂର୍ତ୍ତ ଭାବେ ଲୋକଙ୍କ ମନରେ ଆସୁଛି। ସରପଞ୍ଚଙ୍କ ସ୍ୱାମୀ ଜଣେ ପ୍ରଭାବଶାଳୀ ବ୍ୟକ୍ତି ବୋଲି ଜଣାଶୁଣା। ଧର୍ମଶାଳା ଅଞ୍ଚଳରେ ଥିବା ଏକ ସିମେଣ୍ଟ କାରଖାନାର ଉଚ୍ଚପଦସ୍ଥ ଅଧିକାରୀ, କର୍ମଚାରୀ, ଠିକାଦାରଙ୍କ ସହ ତାଙ୍କର ସୁସମ୍ପର୍କ ରହିଥିବା କଥା କୁହାଯାଉଛି। ବୁଧବାର ଘଟଣା ସମୟରେ ମଧ୍ୟ ସ୍ଥାନୀୟ ଅଞ୍ଚଳର ଏକ କମ୍ପାନୀର ବରିଷ୍ଠ ଅଧିକାରୀ ଉକ୍ତ ଗେଷ୍ଟ ହାଉସରେ ଉପସ୍ଥିତ ଥିଲେ ବୋଲି ଆଲୋଚନା ହେଉଛି। ପୋଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା(୧୬/୨୦୧୯) ରୁଜୁ କରିଥିବାରୁ ନିରପେକ୍ଷ ତଦନ୍ତ ଉପରେ ସବୁକିଛି ନିର୍ଭର କରୁଛି ବୋଲି କୁହାଯାଉଛି। ଗୁରୁବାର ଏହି ଘଟଣାରେ ପୋଲିସ ସରପଞ୍ଚଙ୍କ ସ୍ୱାମୀ ଓ ୪ଜଣ ସହଯୋଗୀଙ୍କୁ ଡାକି ପଚରାଉଚରା କରିଛି। ମୃତା ଅଧିକାରିଣୀ ଓ ସରପଞ୍ଚ ସ୍ୱାମୀଙ୍କ ମୋବାଇଲ ଫୋନକୁ ପୋଲିସ ଜବତ କରିଛି। ତେବେ ଜେରା ସମୟରେ ସେମାନଙ୍କ ଠାରୁ କ'ଣ ସବୁ କଥା ଆଦାୟ କରିଛି ତାହା କାହାରିକୁ କୁହାଯାଉ ନ ଥିଲେ ହେଁ ପୋଷ୍ଟମର୍ଟମ୍ ରିପୋର୍ଟ ହିଁ ସତ୍ୟ ଉନ୍ମୋଚନ କରିବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ଆତ୍ମହତ୍ୟା ଅଭିଯୋଗ ଯଦି ସତ୍ୟ ହୋଇଥାଏ ତେବେ ସେ କେଉଁ କାରଣରୁ ଆତ୍ମହତ୍ୟା କଲେ ତାକୁ ନେଇ ପୋଲିସ କେଉଁ ନିର୍ଯ୍ୟାସରେ ପହଞ୍ଚିଛି ତା ଉପରେ ସମସ୍ତଙ୍କର ନଜର ରହିଛି।



### ମା'କୁ ଝୁରୁଛି ୭ବର୍ଷର ଶିଶୁକନ୍ୟା

ବ୍ୟବଚ୍ଛେଦ ପରେ ପୋଲିସ ସ୍ମିତାରାଣୀଙ୍କ ମୃତଦେହ ଶାଶୁଘର ଲୋକଙ୍କୁ ହସ୍ତାନ୍ତର କରିଛି। ଜ୍ଞାତି କୁଟୁମ୍ବ, ସହକର୍ମୀ, ଗାଁ ଲୋକଙ୍କ ଗହଣରେ ଶାଶୁଘର ଭୁବନ ଗାଁ ମଶାଣିରେ ଶବଦାହ କରାଯାଇଛି। ହେଲେ ମା'କୁ ହରାଇଥିବା ୭ବର୍ଷର ନିଷ୍ପାପ ଶିଶୁକନ୍ୟା କିଛିବୁଝିପାରୁନି। ମା' କୁଆଡ଼େ ଗଲା ବୋଲି ସମସ୍ତଙ୍କୁ ପଚାରି ଚାଲିଛି। ଯାହାକୁ ଦେଖି ସମସ୍ତଙ୍କ ମନରେ ଦୁଃଖ ଓ କୋହ ସୃଷ୍ଟି କରିଛି।

### ଅନ୍ତ୍ୟେଷ୍ଟିକ୍ରିୟାରେ ସାମିଲ ହେଲେ ସହକର୍ମୀ

ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ଧର୍ମଶାଳା ବ୍ଲକର ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ। ବ୍ଲକର ସମସ୍ତ ନିର୍ବାହୀ ଅଧିକାରୀମାନେ ଗୁରୁବାର ସମୂହ ଛୁଟିରେ ଯାଇ ସ୍ମିତାରାଣୀଙ୍କ ଶେଷକୃତ୍ୟ ସମ୍ପନ୍ନ କାର୍ଯ୍ୟରେ ସାମିଲ ହୋଇଥିଲେ। ଉକ୍ତ ଘଟଣାର ନିରପେକ୍ଷ ତଦନ୍ତ ଦାବିରେ ଆନ୍ଦୋଳନ ଜିଲାସ୍ତରକୁ ବ୍ୟାପିବ ବୋଲି କୁହାଯାଉଛି। ଏନେଇ ବ୍ଲକ ସଂଘର ନେତୃତ୍ୱଗଣ ଜିଲା ସଂଘ ସହ ଆଲୋଚନା ଜାରି ରଖିଛନ୍ତି। ଧର୍ମଶାଳା ବିଡିଓ ହେମନ୍ତ କୁମାର ସ୍ୱାଇଁ ଥାନା ଅଧିକାରୀ ସରୋଜ କୁମାର ସାହୁ ଭେଟି ମାମଲାର ନିରପେକ୍ଷ ତଦନ୍ତ ଦାବି ଜଣାଇଛନ୍ତି। ଉକ୍ତ ଘଟଣାକୁ ନେଇ ପରିବେଶ ଓ ପରିସ୍ଥିତି ଧୀରେ ଧୀରେ ଉଷ୍ମ ହେବାରେ ଲାଗିଛି।

### ସ୍ମିତାରାଣୀ ଆତ୍ମହତ୍ୟା କରି ନ ଥିବେ: ସ୍ୱାମୀ

ପିଇଓ ସ୍ମିତାରାଣୀଙ୍କ ଘଟଣା ଦିନର କାର୍ଯ୍ୟାବଳୀକୁ ଅନୁଧ୍ୟାନ କଲେ ସେ ସରକାରୀ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିଥିବା ଜାଣିବାକୁ ମିଳିଛି। ମଧ୍ୟାହ୍ନ ଭୋଜନ ଖାଇବାକୁ ବ୍ଲକ କଲୋନୀକୁ ଆସିବେ ନାହିଁ, ପଞ୍ଚାୟତ କାର୍ଯ୍ୟାଳୟରେ ଖାଇସାରି ଯିବେ ବୋଲି ମୃତ୍ୟୁର ଘଣ୍ଟାକ ପୂର୍ବରୁ ବାପାଙ୍କୁ ଜଣାଇଥିଲେ। ଏପରି କି ଘଟଣା ଦିନ ସକାଳୁ ସ୍ୱାମୀ ସୁଶୀଲ କୁମାର ବିଶ୍ୱାଳଙ୍କ ସହ ଫୋନରେ ସ୍ୱାଭାବିକ ଭାବେ କଥା ହୋଇଥିଲେ। ଏଥିରୁ ତାଙ୍କ ମାନସିକ ଅବସ୍ଥା ସୁସ୍ଥ ଥିବା ସୂଚନା ଦେଉଛି। ଗୁରୁବାର ସ୍ୱାମୀ ସୁଶୀଲ ମଧ୍ୟ ଗଣାମାଧ୍ୟମ ସମ୍ମୁଖରେ ତାଙ୍କ ସ୍ତ୍ରୀ କେବେ ଆତ୍ମହତ୍ୟା କରିପାରିବେ ନାହିଁ ବୋଲି କହିଛନ୍ତି। ଏପରି କି ସ୍ତ୍ରୀଙ୍କ ସହ ତାଙ୍କର ମଧୁର ସମ୍ପର୍କ ଥିଲା ଓ କୌଣସି ମତାନ୍ତର ଓ ମନାନ୍ତର ନ ଥିବା ସୁଶୀଲ ପୋଲିସ ସମ୍ମୁଖରେ ପ୍ରକାଶ କରିଛନ୍ତି। ଏହି ସବୁ ଘଟଣା ଜଣାପଡ଼ିବା ପରେ ସ୍ମିତାରାଣୀ ଆତ୍ମହତ୍ୟା କରିବାକୁ ସହଜରେ କେହି ଗ୍ରହଣ କରିପାରୁ ନାହାନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୮ ଅକ୍ଟୋବର, ୨୦୧୯



ମିତ୍ରଦ୍ରୋହୀ, କୃତଘ୍ନ ଓ ବିଶ୍ୱାସଘାତ - ଏମାନେ ଚନ୍ଦ୍ର-ସୂର୍ଯ୍ୟ ଥିବାଯାଏ ନରକ ଭୋଗ କରନ୍ତି।
- ମହାକବି କାଳିଦାସ



## ସଂକ୍ଷେପରେ

### ଖବରଦାତାଙ୍କୁ ଆକ୍ରମଣ ଘଟଣାର ନିନ୍ଦା

ବାଲିଚନ୍ଦ୍ରପୁର,୧୭।୧୦(ସ୍ୱ.ପ୍ର.): ପ୍ରେସ୍ କ୍ଲବ ବାଲିଚନ୍ଦ୍ରପୁର ପକ୍ଷରୁ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍ କ୍ଲବର ସଭାପତି ପ୍ରକାଶ ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ସ୍ଥାନୀୟ ସୈନିକ ସ୍କୁଲରେ ବୈଠକ ହୋଇଥିଲା। ଏଥିରେ ଗଜପତି ଜିଲା ଚନ୍ଦ୍ରଗିରିର ଖବରଦାତା ଶ୍ରୀହରି ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ଘୋର ନିନ୍ଦାକରାଯାଇଛି। ଏଥିସହ ଖବରଦାତା ଶ୍ରୀହରିଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ସରକାର କାର୍ଯ୍ୟରତ ଖବରଦାତାଙ୍କ ସୁରକ୍ଷା ପାଇଁ ଆଇନ ପ୍ରଣୟନ କରିବା ଦିଗରେ ପଦକ୍ଷେପ ନେବାକୁ ମଧ୍ୟ ବୈଠକରେ ଦାବି କରାଯାଇଛି। ପ୍ରେସ୍ କ୍ଲବର ଉପଦେଷ୍ଟା ଅମରେନ୍ଦ୍ର ସିଂହ, ଅଜୟ ପ୍ରତାପ ସିଂହ, ସମ୍ପାଦକ ପ୍ରଫୁଲ୍ଲ ପଣ୍ଡା, ଖବରଦାତା ପ୍ରଭାସ ଦାଶ, ଉତ୍କଳ କେଶରୀ ସାମଲ, ଅଜୟ ଦାଶ, ଗିରିଜା ପ୍ରସାଦ ସାହୁ, ବିଭୁ ପ୍ରସାଦ ପୃଷ୍ଟି, ତୁଷାରକାନ୍ତ ଜେନା, ପ୍ରକାଶ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### ଭୂତଳ ଖଣି ଉଦ୍ଧାର ପ୍ରତିଯୋଗିତା, ଇଞ୍ଚା ପୁରସ୍କୃତ

କାଳିଆପାଣି,୧୭।୧୦(ଡି.ଏନ୍.ଏ.): ୨୪ତମ ଭୂତଳ ଖଣି ଉଦ୍ଧାର ପ୍ରତିଯୋଗିତାରେ କାଳିଆପାଣି ଇଞ୍ଚା କମ୍ପାନୀ ଭୂତଳ ଉଦ୍ଧାରକାରୀ ଦଳ ଦ୍ୱିତୀୟସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି। ସମ୍ବଲପୁର ଜିଲା ବ୍ରଜରାଜନଗରସ୍ଥିତ ମହାନଦୀ କୋଲ ଫିଲ୍ଡ ଲିମିଟେଡ ଓରିଏଣ୍ଟ ଅଞ୍ଚଳର ଉଦ୍ଧାର ଷ୍ଟେଶନଠାରେ ଭୂତଳ ଉଦ୍ଧାର ପ୍ରତିଯୋଗିତା ୧୪ରୁ ଆରମ୍ଭ ହୋଇ ୧୬ ତାରିଖରେ ଶେଷ ହୋଇଥିଲା। ଏଥିରେ ସରକାରୀ ଓ ବେସରକାରୀ ଭୂତଳ ଖଣିର ଉଦ୍ଧାରକାଳରୀ ଦଳ ଭାଗ ନେଇଥିଲେ। ଏହି ଦଳ ଭୂତଳ ଖଣିରେ କୌଣସି ଦୁର୍ଘଟଣା ଘଟିଲେ କିପରି ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରିଥାଏ ତାହାର କୌଶଳମାନ ପ୍ରଦର୍ଶନ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ଡେପୁଟି ଡାଇରେକ୍ଟର ମାଇନ୍ସ ସେଫ୍ଟି ଶୁଭ୍ର ବାଗଚୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଇଞ୍ଚା ଭୂତଳ ଉଦ୍ଧାରକାରୀ ଦଳକୁ ପୁରସ୍କୃତ କରିଥିଲେ। ଇଞ୍ଚା କମ୍ପାନୀ ପରିଚାଳକ କମଳଲୋଚନ ମିଶ୍ର ଓ ସହକାରୀ ପରିଚାଳକ ଧୀରଜ କୁମାର ପାଣ୍ଡେଙ୍କ ନେତୃତ୍ୱରେ ଏହି ଦଳ ପ୍ରତିଯୋଗିତାରେ ଭାଗ ନେଇଥିଲା।

### ଖବରଦାତାଙ୍କ ସୁରକ୍ଷା ଦାବି

ଜେନାପୁର,୧୭।୧୦(ଡି.ଏନ୍.ଏ.): ଯାଜପୁର ଜିଲା ଧର୍ମଶାଳା ବ୍ଲକ ନେତାଜୀ ସାମ୍ବାଦିକ ସଂଘ ପକ୍ଷରୁ ଗୁରୁବାର ସ୍ଥାନୀୟ ଶିବ ମନ୍ଦିରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୌମ୍ୟରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ବୈଠକ ହୋଇଥିଲା। ଏଥିରେ ଗଜପତି ଜିଲା ଚନ୍ଦ୍ରଗିରି ଅଞ୍ଚଳର ଖବରଦାତା ଶ୍ରୀହରି ପ୍ରଧାନଙ୍କ ଉପରେ କରାଯାଇଥିବା ଆକ୍ରମଣ ଘଟଣାକୁ ନିନ୍ଦା କରାଯାଇଛି। ଏଥିସହ ଖବରଦାତାଙ୍କ ପାଇଁ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଦାବି କରାଯାଇଛି। ଉପସଭାପତି ଅଶୋକ କୁମାର ଦାସ, ସମ୍ପାଦକ ବସନ୍ତ ନାୟକ, ସୁଶାନ୍ତ କୁମାର ଖଟୁଆ, ପ୍ରଭାତ ସାହୁ, ବାବୁଲି ରାଉତ, ବିନୋଦବିହାରି ପରିଡା, ଶଙ୍କର ପ୍ରତାପ ଦାସ, ସୁବ୍ରତ ସାହୁ, ସୁନୀଲ ଶତପଥୀ, ସୁଶାନ୍ତ ଗୋଛାୟତ ଓ ପ୍ରଶାନ୍ତ ସମାଲ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ଜବରଦଖଲ କରୁଛନ୍ତି ଅଣ ଓଡ଼ିଆ

# ସଙ୍କୁଚିତ ହେଉଛି ବିଦ୍ୟାଳୟ ଜମି

ଯାଜପୁର ରୋଡ୍, ୧୭।୧୦ (ନି.ପ୍ର.)




ଯାଜପୁର ରୋଡ୍‌ସ୍ଥିତ ନରସିଂହ ଚୌଧୁରୀ ଉଚ୍ଚ ବିଦ୍ୟାଳୟ ବିଭିନ୍ନ ଅବ୍ୟବସ୍ଥା ଦେଇ ଗତି କରୁଛି। ବିଦ୍ୟାଳୟର ଜମିରେ ଅଣ ଓଡ଼ିଆଙ୍କ ଜବରଦଖଲ ବୃଦ୍ଧି ପାଇବାରେ ଲାଗିଛି। ଏମାନେ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ଜବରଦଖଲ କରି ଝାଟିମାଟି ଘରକରି ରହିବା ଦ୍ୱାରା ବିଦ୍ୟାଳୟ ଜମି ସଙ୍କୁଚିତ ହେବାରେ ଲାଗିଛି। ବସ୍ତିଗୁଡିକରେ ନିଶାକାରବାର କରାଯାଉଥିବା ମଧ୍ୟ ଅଭିଯୋଗ ହେଉଛି। ଅପରପକ୍ଷେ ବିଦ୍ୟାଳୟରେ ବହୁ ଶିକ୍ଷକ ପଦବୀ ଖାଲି ପଡିଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ମଧ୍ୟ ଜଣାପଡିଛି।

ସ୍ୱାଧୀନତା ପୂର୍ବରୁ ଅଞ୍ଚଳର ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷାପାଇଁ ଯାଜପୁର ଏବଂ କଟକ ଯାଉଥିଲେ। ଶିକ୍ଷାର ବିକାଶ ପାଇଁ ୧୯୪୫ରେ ତତ୍କାଳୀନ ଜମିଦାର ନରସିଂହ ଚୌଧୁରୀ ଯାଜପୁର ରୋଡ୍‌ଠାରେ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ୬ଷ୍ଠ ଠାରୁ ଏକାଦଶ ପର୍ଯ୍ୟନ୍ତ ଶ୍ରେଣୀ ଖୋଲାଯାଇଥିଲା। ଏବେ ବିଦ୍ୟାଳୟରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯାଇଛି। ୧୭ ଏକର ୪୬ ଡିସିମିଲ୍ ଜମି ବିଦ୍ୟାଳୟ ନାମରେ ରହିଛି। ହେଲେ ସେଥିରୁ ଅଧିକାଂଶ ଜମିରେ ଅଣ ଓଡ଼ିଆ ବ୍ୟକ୍ତିବିଶେଷ ଜବରଦଖଲ କରି ରହିଛନ୍ତି। ସେହିପରି କେତେଜଣ ବ୍ୟକ୍ତି ବିଶେଷ ମଧ୍ୟ ବିଦ୍ୟାଳୟ ଜମିରେ ଦୋକାନ କରିଛନ୍ତି। ଫଳରେ ବିଦ୍ୟାଳୟର ଖେଳ ପଡ଼ିଆ ସଙ୍କୁଚିତ ହୋଇଛି। ଏହି ଖେଳ ପଡ଼ିଆରେ ରାଜ୍ୟସ୍ତରୀୟ ଫୁଟବଲ, କ୍ରିକେଟ ଟୁର୍ଣ୍ଣାମେଣ୍ଟ ଓ ଅନ୍ୟାନ୍ୟ ଖେଳ ମଧ୍ୟ ହେଉଥିଲା। ଅପରପକ୍ଷେ ବିଦ୍ୟାଳୟରେ ଶିକ୍ଷାଦାନ ଠିକ୍ ହୋଇପାରୁ ନ ଥିବାରୁ ଅଧିକାଂଶ ଅଭିଭାବକ ବେସରକାରୀ ସ୍କୁଲରେ ପିଲାମାନଙ୍କୁ ପାଠ ପଢ଼ାଇବାକୁ ଉଚିତ ମନେକରୁଛନ୍ତି। ୨୦୧୩ରେ ଜବରଦଖଲ କାରୀଙ୍କୁ ଉଚ୍ଛେଦ ପାଇଁ ତତ୍କାଳୀନ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ର ଯାଜପୁର ଉପ ଜିଲାପାଳଙ୍କ କୋର୍ଟରେ ଅଭିଯୋଗ କରିଥିଲେ। ଏହାପରେ ବିଦ୍ୟାଳୟ ଜମି ମାପଚୁପ କରି ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ଉପଜିଲାପାଳ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ବିଦ୍ୟାଳୟ ଜମି ମାପଚୁପ କରି ଜବରଦଖଲ ଉଚ୍ଛେଦ ମାମଲା ଜାରିକରିଥିଲେ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଉଚ୍ଛେଦ ପ୍ରକ୍ରିୟା ହୋଇନାହିଁ। ଫଳରେ ବିଦ୍ୟାଳୟ ପରିସରରେ ଦିନକୁ ଦିନ ଜବର ଦଖଲକାରୀ, ଅସାମାଜିକ ବ୍ୟକ୍ତି ବିଶେଷ ଓ ନିଶା ବ୍ୟବସାୟ ବୃଦ୍ଧି ପାଇବାରେ ଲାଗିଛି। ଯାଜପୁର ରୋଡ୍ ପୋଲିସ ବହୁବାର ବସ୍ତିରେ ଚଢ଼ାଉ କରି ବ୍ରାଉନ୍‌ସୁଗାର, ଗଞ୍ଜେଇ ଏବଂ ମଦ ଜବତ କରିବା ସହ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜବରଦଖଲ ଉଚ୍ଛେଦ ପାଇଁ ସ୍କୁଲ ପରିଚାଳନା କମିଟି ପକ୍ଷରୁ ତହସିଲଦାରଙ୍କୁ ଅଭିଯୋଗ ଦିଆଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ଏ ନେଇ ପ୍ରାଧାନ ଶିକ୍ଷୟିତ୍ରୀ ସୁମତୀ ସାହୁଙ୍କୁ ପଚାରିବାରୁ, ଘଟଣା ବାବଦରେ ତହସିଲଦାରଙ୍କୁ ଅବଗତ କରିଥିବା କହିଛନ୍ତି। ଏ ସମ୍ପର୍କରେ ବ୍ୟାସନଗର ତହସିଲଦାର ନିରଞ୍ଜନ ବେହେରାଙ୍କୁ ପଚାରିବାରୁ, ଜବରଦଖଲକାରୀଙ୍କ ନାମରେ ଜବର ଦଖଲ ଉଚ୍ଛେଦ ମାମଲା କରାଯାଇଛି। ଖୁବ୍‌ଶୀଘ୍ର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ ବୋଲି କହିଛନ୍ତି। ତୁରନ୍ତ ବିଦ୍ୟାଳୟରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରା ନ ଗଲେ ଅଗାମୀ ଦିନରେ ତହସିଲ ଅଫିସ୍ ସମ୍ମୁଖରେ ଧାରଣା ଦିଆଯିବ ପୂର୍ବତନ ପରିଚାଳନା କମିଟିର ସଭାପତି ବଟକୃଷ୍ଣ ବଳ, ସନ୍ଧ୍ୟାରାଣୀ ବିଶ୍ୱାଳ, ସୁଜାତା ପରିଡା, ସାମାଜିକ କର୍ମୀ ଅଶୋକ କୁମାର ରାଉତଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ କହିଛନ୍ତି।

## ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ

# ବିଡିଓଙ୍କୁ ଫେରାଦ ହେଲେ ପଞ୍ଚାୟତବାସୀ



ବିଡିଓଙ୍କୁ ଫେରାଦ ହେବାକୁ ଆସିଥିବା ପଞ୍ଚାୟତବାସୀ।

ବାଲିକୁଦା,୧୭।୧୦(ସ୍ୱ.ପ୍ର.)

ଥାଇଲୋ ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ଗୁରୁବାର ସ୍ଥାନୀୟ ଲୋକେ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିବା ସହ ବିଡିଓଙ୍କୁ ୮ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ପାନୀୟଜଳ ଯୋଗାଣ କେନ୍ଦ୍ରରୁ ଜଳ ଯୋଗାଣ କରାଯାଉ ନ ଥିଲେ ମଧ୍ୟ ଏଥିପାଇଁ ନିୟୋଜିତ କର୍ମଚାରୀମାନେ ଦରମା ନେଇ ଚାଲିଛନ୍ତି। ମୃତ ଲୋକଙ୍କ ନାମରେ ଭତ୍ତା ଟଙ୍କା ଉଠାଯାଇ ହଡ଼ପ କରାଯାଉଛି। ସେହିପରି ସ୍ୱଚ୍ଛ ଭାରତ ଯୋଜନାରେ ନିର୍ମାଣ କରାଯାଉଥିବା ପାଇଖାନା କାର୍ଯ୍ୟରେ ଦୁର୍ନୀତି କରାଯାଉଛି। ଡିଲର ପଏଣ୍ଟରୁ ଖାଉଟି ସାମଗ୍ରୀ ଠିକ୍ ଓଜନରେ ଦିଆଯାଉନାହିଁ। ଗାଁ କଲ୍ୟାଣ ସମିତି ଟଙ୍କା ମଧ୍ୟ ଠିକ୍ ଭାବେ ବିନିଯୋଗ କରାଯାଉନାହିଁ। ଅଚଳ ନଳକୂପ ମରାମତି ପାଇଁ ଟଙ୍କା ସରକାର ଯୋଗାଇ ଦେଉଥିଲେ ମଧ୍ୟ ଏ ସବୁର ମରାମତି କରାଯାଉ ନାହିଁ। ପଞ୍ଚାୟତରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ପିଲାଙ୍କୁ କାଞ୍ଚିଆ ଅଣ୍ଡା, ଗମରା ବାଦାମ ଲଡୁ ଓ ଗମରା ଛତୁଆ ପ୍ରଦାନ କରାଯାଉଛି। ଉନ୍ନୟନ ମୂଳକ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇ ଅର୍ଥ ହଡ଼ପ ଚାଲିଛି। ତେଣୁ ଏ ସବୁର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଞ୍ଚାୟତବାସୀ ବିଡିଓ କଲ୍ୟାଣୀ ପଟ୍ଟନାୟକଙ୍କୁ ଦାବିପତ୍ର ଦେଇଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ଏହାର କୌଣସି ବିଚାର କରା ନ ଗଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ମାନସ ରଞ୍ଜନ ମଲ୍ଲିକ, ପ୍ରଶାନ୍ତ ରାଉତ, ଜନ୍ମେଜୟ ବାହାଲିଆ, କ୍ଷୀରୋଦ ଦେଠୀ, ପ୍ରିୟରଞ୍ଜନ ସ୍ୱାଇଁ, ଦ୍ୱିଜବର ବାରିକ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ତୁଷାର ନାୟକ, ଶରତ ବେହେରା, ସୁବାସ ମହାନ୍ତି, ନବୀନ ଜେନା, ଅରୁଣ ମୁଦୁଲି ପ୍ରମୁଖ ଏହି ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ରେଳଷ୍ଟେଶନ ବୁକିଂ କାଉଣ୍ଟରରୁ ଜାଲ୍ ନୋଟ୍ ଜବତ

ଯାଜପୁର ରୋଡ,୧୭।୧୦(ନି.ପ୍ର)

ଯାଜପୁର-କେନ୍ଦୁଝର ରେଳଷ୍ଟେଶନର ଟିକେଟ୍ କାଉଣ୍ଟରରେ ଜଣେ ବ୍ୟକ୍ତି ୨୦୦ ଟଙ୍କା ଜାଲ ନୋଟ୍ ଦେବା ସମୟରେ ଯାଜପୁରରୋଡ ଆରପିଏଫ୍ ହାତରେ ଧରା ପଡ଼ିଛନ୍ତି। ଯୁବକ ଜଣକ ହେଲେ ବିହାର ରାଜ୍ୟ ଦରଭଙ୍ଗା ଅଞ୍ଚଳର ଅଖିଳେଶ ଚୌଧୁରୀ (୨୨)। ଉକ୍ତ ଯୁବକ ଭଦ୍ରକ ଅଞ୍ଚଳର ଧାମନଗରରେ ଗୁପଚୁପ୍ ବେପାର କରନ୍ତି। ସେ ଦରଭଙ୍ଗା ଯିବା ପାଇଁ ଯାଜପୁର ରୋଡ ଷ୍ଟେଶନ୍‌ରେ ଟିକେଟ୍ କାଟିବା ପାଇଁ ଟଙ୍କା ଦେଉଥିବାବେଳେ ବୁକିଂ କ୍ଲର୍କ୍ ଜାଲ ନୋଟ୍‌କୁ ଯାଞ୍ଚ କରି ଆରପିଏଫ୍‌କୁ ଖବର ଦେଇଥିଲେ। ଆରପିଏଫ୍ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଥାନାକୁ ନେଇ ଅଟକ ରଖି ପଚରାଉଚରା କରୁଛନ୍ତି। ବର୍ତ୍ତମାନ ଯାଜପୁର ଓ ଭଦ୍ରକ୍ ଜିଲାରେ ଜାଲ୍ ନୋଟ୍ କାରବାର ଜୋରସୋରରେ ଚାଲିଛି। ଏପରିକି ବ୍ୟାଙ୍କ ଏଟିଏମ୍‌ରୁ ମଧ୍ୟ ଜାଲ୍ ନୋଟ୍ ବାହାରୁଥିବା ଦେଖାଯାଉଛି। ସୂଚନାଯୋଗ୍ୟ ଯେ, ବିହାର ଅଞ୍ଚଳରୁ ବହୁ ଗୁପଚୁପ୍ ଓ ଫଳ ବେପାରୀ, ବାଂଲାଦେଶୀ, କବାଡିଆ ଓ ଜରିଗୋଟାଳିମାନେ ଜାଲ୍ ନୋଟ୍ କାରବାର କରୁଥିବା ଜଣାପଡୁଛି। ଏହି ର୍‍ୟାକେଟକୁ ଠାବ କରିବା ପାଇଁ ଆରପିଏଫ୍ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଛି। ଏହିଭଳି କେତେଜଣ ଯାତ୍ରୀ ଜାଲ୍ ନୋଟ୍ ଦେଇ ସଂରକ୍ଷିତ ଟିକେଟ୍ କରିଥାନ୍ତି ଏବଂ ଏହାକୁ ୨-୩ ଦିନ ପରେ କ୍ୟାନସେଲ୍ କରି ଟିକେଟ୍ କାଉଣ୍ଟରରୁ ଅସଲି ନୋଟ୍ ନେଇଯାଉଥିବା ଜଣାପଡ଼ିଛି।

### ଦୁର୍ଘଟଣାରେ ଭାଇ ମୃତ, ଭଉଣୀ ଗୁରୁତର

ଛତିଆ,୧୭।୧୦(ଡି.ଏନ୍.ଏ.): ଛତିଆସ୍ଥିତ ମହାପୁରୁଷ ହାଡ଼ିଦାସ କଲେଜ ନିକଟରେ ଗୁରୁବାର ସକାଳେ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅନ୍ୟଜଣଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି। ମୃତ ଯୁବକ ଜଣଙ୍କ କଟକ ଜିଲା ଟାଙ୍ଗୀ ଥାନା ଭଟିମୁଣ୍ଡା ପଞ୍ଚାୟତ ଗରମ୍ଭା ଗ୍ରାମର ବିଶ୍ୱଜିତ୍ ସାହୁ। ଗୁରୁତର ଜଣଙ୍କ ବିଶ୍ୱଜିତ୍‌ଙ୍କ ସମ୍ପର୍କୀୟ ଭଉଣୀ ବୋଲି ଜଣାପଡିଛି। ଛତିଆ ବିଟ୍ ହାଉସ୍ ଅଧିକାରୀ ଜଗ୍‌ଦୀଶ କର ମୃତଦେହ ଜବତକରି ତଦନ୍ତ ଚଳାଇଛନ୍ତି। ବିଶ୍ୱଜିତ୍ ନିଜ ସମ୍ପର୍କୀୟ ଭଉଣୀଙ୍କ ସହ ବାଇକ୍‌ରେ ଟାଙ୍ଗୀରୁ ଚଣ୍ଡିଖୋଲ ଯାଉଥିଲେ। ୧୬ ନଂ ଜାତୀୟ ରାଜପଥ ମହାପୁରୁଷ ହାଡିଦାସ କଲେଜ ନିକଟରେ ଭାରସାମ୍ୟ ହରାଇ ଟ୍ରକ୍ ପଛ ପଟେ ପିଟି ହୋଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିବାବେଳେ ଭଉଣୀ ଗାଡିରୁ ଛିଟିକି ପଡିଥିଲେ। ଛତିଆ ବିଟ୍ ହାଉସ୍ ଅଧିକାରୀ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ପଠାଇଥିଲେ।

# ଜିଲା ମହୋତ୍ସବ 'ଯଯାତି -୨୦୧୯' ପାଇଁ ପ୍ରସ୍ତୁତି



ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

ଯାଜପୁର ଟାଉନ,୧୭।୧୦(ଡିଏନଏ)

ଯାଜପୁର ଗ୍ରାମ ଉନ୍ନୟନ ସଂସ୍ଥା ଗୃହରେ ଜିଲାପାଳ ରଂଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଗୁରୁବାର ୮ମ ଜିଲା ମହୋତ୍ସବ ଯଯାତି -୨୦୧୯ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବ ସମଗ୍ର ରାଜ୍ୟରେ ଅନନ୍ୟ ଓ ବିଗତ ବର୍ଷରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଜାନୁୟାରୀ ୨ୟ ସପ୍ତାହରେ ଏହି ମହୋତ୍ସବ କରାଯିବା ପାଇଁ ସ୍ଥିର କରାଯାଇଛି। ଏହି ମହୋତ୍ସବରେ ପୂର୍ବବର୍ଷ ଭଳି ସାହିତ୍ୟ ଆଲୋଚନା, କବିତା ପାଠୋତ୍ସବ, ମହିଳା ସଶକ୍ତିକରଣ, କୃଷି ଓ କୃଷକ ଆଲୋଚନାଚକ୍ର ଆୟୋଜନ କରାଯିବ। ମହୋତ୍ସବରେ ପଲ୍ଲିଶ୍ରୀ ମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ବିଭାଗର କାର୍ଯ୍ୟଦକ୍ଷତା ପ୍ରଦର୍ଶନର ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି ଯୋଗଦେଇ ସର୍ବସମ୍ମତ ନିଷ୍ପତ୍ତିକୁ ସମସ୍ତେ ପାଳନ କରି ଆକର୍ଷଣୀୟ ଭାବେ ଜିଲା ମହୋତ୍ସବକୁ ପାଳନ କରାଯିବ ବୋଲି କହିଥିଲେ। ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ସବ୍‌କମିଟି ଗଠନ କରାଯାଇ ସେମାନଙ୍କ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯିବ। ସ୍ମରଣିକା 'ଯଯାତି' ପାଇଁ ଚଳିତ ବର୍ଷ ପୂର୍ବବର୍ଷ ସ୍ମରଣିକାର ଉତ୍କର୍ଷମାନର ଲେଖା ସହ ନୂତନ ଲେଖା ସଂଗ୍ରହ କରାଯାଇ ଏକ ବୃହତ ସ୍ମରଣିକା ପ୍ରକାଶ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମିହିର ପ୍ରସଦା ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣୀ ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଅଟଓ୍ୱାଲ କର୍ମଚାରୀଙ୍କ ଧାରଣା

# ଆଜିହେବ ସମାଧାନ ବୈଠକ

କାଳିଆପାଣି,୧୭।୧୦(ଡି.ଏନ୍.ଏ.)

ଅଟ୍‌ଓ୍ୱାଲ ଛଟେଇ ଶ୍ରମିକଙ୍କ ଅନଶନ ଗାନ୍ଧୀ ଜୟନ୍ତୀଠାରୁ ଜାରି ରହିଛି। ଗତ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ତ୍ରିପାକ୍ଷିକ ସମାଧାନ ବୈଠକ ହୋଇଥିଲା। କଳିଙ୍ଗନଗର ଉପଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଟାଟା କମ୍ପାନୀ ଭିଟି ସେଣ୍ଟର ଗୃହରେ ଅନୁଷ୍ଠିତ ବୈଠକରେ ଦୁଇଦିନ ମଧ୍ୟରେ ଟାଟା କମ୍ପାନୀ କର୍ତ୍ତୃପକ୍ଷ ଠିକାସଂସ୍ଥା ଏବଂ ଅନଶନକାରୀଙ୍କ ସହ ଆଲୋଚନା କରି ସାମଧାନ କରିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ଶକ୍ରବାର ଅନୁଷ୍ଠିତ ହେବାକୁ ଥିବା ସାମାଧାନ ବୈଠକକୁ ନେଇ ଅନଶନକାରୀ ବହୁ ଆଶାବାଦୀ ଥିବା ଜଣାପଡିଛି। ଦୀର୍ଘଦିନର ଅନଶନ ମଧ୍ୟରେ ବହୁ କର୍ମଚାରୀ ଗୁରୁତର ହୋଇଥିବା ବେଳେ ଏହାର ଅନ୍ତ ହୋଇପାରେ ବୋଲି କୁହାଯାଉଛି। ପ୍ରକାଶ ଯେ, ଟାଟା ଖଣିରେ ଅଟଓ୍ୱାଲ ଠିକା ସଂସ୍ଥା ଗତ ସେପ୍ଟେମ୍ବର ମାସ ୧ ତାରିଖରୁ କାର୍ଯ୍ୟବନ୍ଦର ଲକ୍‌ଆଉଟ ନୋଟିସ ଜାରିକରିଥିଲା। କୌଣସି ସୂଚନା ନ ଦେଇ ଅଚାନକ କାର୍ଯ୍ୟ ବନ୍ଦ କରିବା ଏବଂ ବକେୟା ଅର୍ଥ ଦାବିରେ ଗାନ୍ଧୀଜୟନ୍ତୀରୁ ଖଣି ମୁଖ୍ୟ ଫାଟକ ସମ୍ମୁଖରେ ଶ୍ରମିକମାନେ ଧାରଣା ଦେଇଥିଲେ।

# ଯୁବକଙ୍କୁ କଲୋନୀ ବାସିନ୍ଦା କଲେ ମୁଣ୍ଡନ: ୧୦ ଗିରଫ

ପାରାଦୀପ,୧୭।୧୦(ସ୍ୱ.ପ୍ର.)

**ପରକୀୟାପ୍ରୀତିକୁ ବିରୋଧ**

ପାରାଦୀପ ଆଦର୍ଶ ଥାନା ଅଠରବାଙ୍କୀ ଜଗନ୍ନାଥ କଲୋନୀରେ ଗୁରୁବାର ଏକ ଅପ୍ରୀତିକର ଘଟଣା ଘଟିଛି। ଜଣେ ଯୁବକ ଓ ମହିଳାଙ୍କୁ କଲୋନୀବାସିନ୍ଦା ଘରେ ପୁରାଇ ମାଡ଼ ମାରିଛନ୍ତି। ଅଭିଯୋଗରେ ପୋଲିସ ୧୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫଙ୍କ ମଧ୍ୟରେ ୩ ମହିଳା ଓ ୩ ପୁରୁଷ ଥିଲେ ବୋଲି ଥାନା ଅଧିକାରୀ ରଜନୀକାନ୍ତ ସାମଲ କହିଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଗୋପାଳ ନାମକ ଜଣେ ଟ୍ରକ ଚାଳକ ଜଣଙ୍କ ଘରକୁ ଯାଇଥିବା ବେଳେ କଲୋନୀ ଲୋକ ଏପରି ଗଣ୍ଡଗୋଳ କରିଥିଲେ। କଲୋନୀ ବାସିନ୍ଦାଙ୍କଠାରୁ ଜାଣିବାକୁ ମିଳିଛି ଯେ, ସମ୍ପୃକ୍ତ ଯୁବକ ଓ ମହିଳାଙ୍କ ମଧ୍ୟରେ ପରକୀୟା ପ୍ରେମ ଥିଲା। ଏହା କଲୋନୀବାସିନ୍ଦାଙ୍କୁ ଲଜ୍ଜାକର ପରିବେଶ ସୃଷ୍ଟି କରୁଥିଲା। ବୁଧବାର ରାତିରେ ମହିଳାଙ୍କ ସ୍ୱାମୀ ଘରେ ନ ଥିବା ବେଳେ ଯୁବକ ଜଣକ ତାଙ୍କ ଘରକୁ ଯାଇଥିଲେ। ଏହା ଜାଣିବା ପରେ ସ୍ଥାନୀୟ ମହିଳାମାନେ ବାହାରୁ କବାଟ ବନ୍ଦ କରିଦେଇଥିଲେ। ଗୁରୁବାର ସକାଳେ ମହିଳାଙ୍କ ସ୍ୱାମୀ ଡ୍ୟୁଟିରୁ ଫେରିବା ପରେ କବାଟ ଖୋଲିଥିଲେ। ତୁମ ଘରେ ଏ'କଣ ଚାଲିଛି ବୋଲି କହି ଯୁବକ, ମହିଳା ଓ ତାଙ୍କ ସ୍ୱାମୀଙ୍କୁ ମାଡ଼ ମାରିବା ସହ ଗଛରେ ବାନ୍ଧି ଅଧା ଲଣ୍ଡା କରିଥିଲେ। ପୋଲିସ ଖବରପାଇ ସେଠାକୁଯାଇ ୩ ଜଣଙ୍କୁ ଉଦ୍ଧାର କରିଥିଲା। ମହିଳା ଓ ତାଙ୍କ ସ୍ୱାମୀ ଗଣ୍ଡଗୋଳ କରିଥିବା ଲୋକଙ୍କ ନାମରେ ଅଭିଯୋଗ କରିବା ପରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ସମ୍ପୃକ୍ତ ଯୁବକଙ୍କ ଯୁକ୍ତି ଥିଲା ସେ ତାଙ୍କ ଟଙ୍କା ଫେରାଇବାକୁ ଆସିଥିବା ବେଳେ ଏପରି ଘଟିଛି।

# ବାଲିଯାତ୍ରାରେ ହେବ ପଥ ଉତ୍ସବ

କଟକ ଅଫିସ, ୧୭।୧୦

- ବୋଟିଂର ମଜ୍ଜା ନେବେ ଲୋକେ
- ବାଲିଯାତ୍ରା ପଡିଆ ବୁଲିଲେ ଜିଲାପାଳ, କମିଶନର

ଚଳିତବର୍ଷ କଟକ ବାଲିଯାତ୍ରାକୁ ଭିନ୍ନ ଢଙ୍ଗରେ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଏଠାରେ ଲୋକଙ୍କୁ ଯେଭଳି ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ସେ ନେଇ ଗୁରୁବାର ବାଲିଯାତ୍ରା ପଡ଼ିଆ ବୁଲି ତଦାରଖ କରିଛନ୍ତି ଜିଲାପାଳ ଭବାନୀ ଶଙ୍କର ଚୟନୀ ଏବଂ କଟକ ମହାନଗର ନିଗମ (ସିଏମ୍‌ସି) କମିଶନର ଅନନ୍ୟା ଦାସ। ବାଲିଯାତ୍ରାରେ ପ୍ରଥମଥର ପାଇଁ ପଥ ଉତ୍ସବ କରାଯିବା ନିମନ୍ତେ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇଛି।

ଚଳିତବର୍ଷ ବାଲିଯାତ୍ରାରେ ସକାଳ ପ୍ରାୟ ସାଢେ ୬ରୁ ୯ଟା ପର୍ଯ୍ୟନ୍ତ ପଥ ଉତ୍ସବ ପାଳନ ହେବ। କଳାକାରମାନେ ନିଜ କଳା ଦେଖାଇବା ସହ ସାଇକେଲିଂ ଓ ସ୍କେଟିଂର ମଜା ନେଇପାରିବେ କଟକବାସୀ। ବାଲିଯାତ୍ରାରେ ଜିଲା ପ୍ରଶାସନ ସମେତ କଟକ ମହାନଗର ନିଗମର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ବାଲିଯାତ୍ରାରେ ବିଭିନ୍ନ ଜିଲାର ଲୋକଙ୍କ ସମାଗମ ହୋଇଥାଏ। ସେମାନଙ୍କ ସୁବିଧା ପାଇଁ ଟଏଲେଟ, ପାର୍କିଂ, ପିଇବାପାଣି, ରାସ୍ତା ନିର୍ମାଣ, ସଫେଇ, ଖାଦ୍ୟ ପଦାର୍ଥ ମାନ ଯାଞ୍ଚ କରିବା ଆଦି ଦାୟିତ୍ୱ ସିଏମ୍‌ସି ଉପରେ ନ୍ୟସ୍ତ କରାଯାଇଛି। ବାଲିଯାତ୍ରାରେ ଖାଦ୍ୟର ମାନ ଯାଞ୍ଚ ପାଇଁ ୪ଟି ଟିମ୍ ଗଠନ କରାଯିବ। ଚଳିତବର୍ଷ ଦୁଇଟି ପୋଖରୀ ନିର୍ମାଣ କରାଯାଇ କଟକବାସୀଙ୍କ ପାଇଁ ବୋଟିଂର ବ୍ୟବସ୍ଥା କରାଯିବ। ଏ ନେଇ ଜିଲାପାଳ କହିଛନ୍ତି, ସ୍ଥାନୀୟ କଳାକାର ଓ ବାଲିଯାତ୍ରାରେ ରୁଚି ରଖୁଥିବା ସଙ୍ଗଠନକୁ ବାଲିଯାତ୍ରାରେ ସାମିଲ କରାଯିବ। ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି, ବିଶେଷକରି ଲୋକଙ୍କ ପାଇଁ ପାର୍କିଂ, ପାନୀୟଜଳ, ଟଏଲେଟ ବ୍ୟବସ୍ଥା କରାଯାଉଛି। ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡିକୁ ନେଇ ସମସ୍ତ କାର୍ଯ୍ୟ କରାଯିବ। ପଥ ଉତ୍ସବ ମାଧ୍ୟମରେ ଲୋକେ ବିଭିନ୍ନ କ୍ରୀଡ଼ା ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ଦେଖିବାକୁ ପାଇବେ। ଫୁଡ ଇନ୍ସପେକ୍ଟର ଭବାନୀ ଲେଙ୍କା କହିଛନ୍ତି, ପଡ଼ିଆ ବଢ଼ିଛି। ସେହି ଅନୁପାତରେ ବ୍ୟବସାୟୀଙ୍କ ସଂଖ୍ୟା ମଧ୍ୟ ବଢ଼ିବ। ଡାଇରେକ୍ଟର ଅଫ ହେଲ୍‌ଥ ଆଣ୍ଡ ଫୁଡ ସେଫ୍‌ଟି କମିଶନରଙ୍କ ଅନୁମତିରେ ୪ ଜଣ ଫୁଡ୍ ସେଫ୍ଟି ଅଫିସରଙ୍କୁ ଡେପୁଟେଶନରେ ଅଣାଯିବ। ଖାଦ୍ୟର ମାନ ଯାଞ୍ଚ କରାଯିବା ସହ ବାସୀ ଖାଦ୍ୟ ବିକ୍ରି କରୁଥିବା ବ୍ୟବସାୟୀଙ୍କ ଉପରେ ୧୦୦ରୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ। ଏହି ଗସ୍ତ ସମୟରେ ସିଏମ୍‌ସି କର୍ମଚାରୀଙ୍କ ସମେତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ବିରଜାକ୍ଷେତ୍ରରେ ବାଂଲାଦେଶୀ ଶରଣାର୍ଥୀ

ଯାଜପୁର ଟାଉନ,୧୭।୧୦(ଡିଏନଏ)

- ଏକ ସମ୍ପ୍ରଦାୟ ବସ୍ତିକୁ ମଣିଛନ୍ତି ନିରାପଦ ଆଶ୍ରୟସ୍ଥଳ
- ନହରାପୁର, ଦେବୀଦ୍ୱାର, ହରିପୁର ଆଦି ଅଞ୍ଚଳରେ ଅପରିଚିତଙ୍କ ଯାତାୟାତ
- ସେମାନଙ୍କ କାର୍ଯ୍ୟ ଓ କାରବାର ଉପରେ ରହୁନି ପୋଲିସର ନଜର

ଯାଜପୁର ଜିଲାରେ ବାଂଲାଦେଶୀ ଶରଣାର୍ଥୀଙ୍କ ସଂଖ୍ୟା ବଢୁଥିବା ଚର୍ଚ୍ଚା ଜୋର ଧରିଥିବାବେଳେ ଜିଲା ପ୍ରଶାସନ ନିକଟରେ ଏନେଇ କୌଣସି ଖବର ନ ଥିବା ଜଣାପଡ଼ିଛି। ଏହି ଶରଣାର୍ଥୀମାନେ ଯାଜପୁର ଜିଲାକୁ ମଧ୍ୟ ସେମାନଙ୍କ ନିରାପଦ ଆଶ୍ରୟସ୍ଥଳ ମଣୁଥିବା କୁହାଯାଉଛି। ବିଭିନ୍ନ ଫାଷ୍ଟଫୁଡ୍ ବେପାର ଓ ଫେରି କରିବା ନାମରେ ବାଂଲାଦେଶୀ ଶରଣାର୍ଥୀ ଓ ଅନ୍ୟ ବିଦେଶୀ ନାଗରିକ ଜିଲାକୁ ପ୍ରବେଶ କରିଥିବା ଶୁଣିବାକୁ ମିଳୁଛି। ବିଶେଷ କରି ବିରଜାକ୍ଷେତ୍ର ଯାଜପୁର ସହରର ନିର୍ଦ୍ଦିଷ୍ଟ କିଛି ସ୍ଥାନର ଏକ ସମ୍ପ୍ରଦାୟ ବସ୍ତିକୁ ଏହି ସବୁ ସନ୍ଦିଗ୍ଧ ଲୋକେ ନିରାପଦ ଆଶ୍ରୟସ୍ଥଳୀ ଭାବେ ମନେକରି ଘରଭଡ଼ା ନେଇ ରହିଲେଣି ବୋଲି ଶୁଣାଯାଉଛି। ସହରର ନହରାପୁର, ଦେବୀଦ୍ୱାର, ହରିପୁର ପ୍ରଭୃତି ଅଞ୍ଚଳରେ କିଛି ସନ୍ଦିଗ୍ଧ ଯୁବକ କିଛିଦିନ ହେଲା ଆତଯାତ କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ସୂଚନା ଦେଇଛନ୍ତି। ଦେବୀଦ୍ୱାର ଓ ହରିପୁର ମୌଜାରେ ଏମିତି କେତେଜଣ ଅଚିହ୍ନା ଯୁବକ ଘରଭଡ଼ା ନେଇ ରହିଥିବା ସ୍ଥାନୀୟ ଲୋକେ କହିଛନ୍ତି। ସେମାନେ କାହିଁକି ରହିଛନ୍ତି ଓ କେଉଁ ପ୍ରକାର କାରବାର କରୁଛନ୍ତି ତା' ଉପରେ ପୋଲିସ ତନାଘନା କରୁନାହିଁ। ସହରର କେତେଜଣ ଅତିଥିଶାଳା ଓ ଜିଲାର କିଛି ଧାର୍ମିକ ଅନୁଷ୍ଠାନରେ ସନ୍ଦିଗ୍ଧମାନେ ରହୁଥିବା ଅଭିଯୋଗ ହେଉଛି। ବିଶେଷ କରି ଛୋଟଛୋଟ ବ୍ୟବସାୟ ଓ ଫେରି କରିବା ନାମରେ କେତେଜଣ ବାଂଲାଦେଶୀ ଶରଣାର୍ଥୀ ଜିଲାରେ ଆସି ବିଭିନ୍ନ ଅଞ୍ଚଳରେ ଘରଭଡ଼ା ନେଇ ରହୁଛନ୍ତି। ସେମାନଙ୍କ ଆସିବାର କାରଣ ଓ ପରିଚୟ ସମ୍ପର୍କରେ ପୋଲିସ ପ୍ରଶାସନ କୌଣସି ତଥ୍ୟ ହାସଲ କରିବାକୁ ଆଗ୍ରହ ଦେଖାଉ ନ ଥିବା କୁହାଯାଉଛି। ୧୦ବର୍ଷ ତଳେ ଏମିତି କେତେଜଣ ସନ୍ଦିଗ୍ଧ ବଡ଼ଚଣା ଥାନା ସୁଙ୍ଗୁଡା ଅଞ୍ଚଳରେ ଘରଭଡା ନେଇ ରହି ଜାରକା ଏବଂ ହରିପୁର ଅଞ୍ଚଳରେ ଥିବା ସୁନା ଦୋକାନୀ ଉପରେ ବୋମା ମାଡ଼ କରି ଦିନ ଦ୍ୱିପ୍ରହରରେ ଲୁଟ କରିଥିଲେ। ସେମାନଙ୍କୁ ପରବର୍ତ୍ତୀ ସମୟରେ ପୋଲିସ ସେହି ଅଞ୍ଚଳରୁ ହିଁ ଠାବ କରିଥିଲା। ଏହି ସବୁ ଅପରାଧିମାନେ ବାଂଲାଦେଶ ସୀମାନ୍ତ ଅଞ୍ଚଳର ବୋଲି ସେତେବେଳେ ଜଣାପଡିଥିଲା। ଏବେ ସେହିପରି ଅଚିହ୍ନା ମୁହଁ ବା ସନ୍ଦିଗ୍ଧ ବ୍ୟକ୍ତି ଜିଲା ସଦର ମହକୁମା ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ଆସି ବେପାର ନାମରେ ଆଡ୍ଡା ଜମାଇଛନ୍ତି। ଏମାନେ ମଧ୍ୟ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଯାଜପୁର ସଦର ଥାନା ଆଇଆଇସି ଆଶିଷ କୁମାର ସାହୁଙ୍କୁ ପଚାରିବାରୁ, ବାଂଲାଦେଶୀ ଶରଣାର୍ଥୀଙ୍କ ସମ୍ପର୍କରେ ସେଭଳି କୌଣସି ଖବର ନାହିଁ। ମାତ୍ର ଫେରିବାଲାଙ୍କ ସମ୍ପର୍କରେ ଅଧିକାଂଶ ସମୟରେ ତଥ୍ୟ ହାସଲ କରାଯାଉଛି ବୋଲି କହିଛନ୍ତି।

## ସଂକ୍ଷେପରେ

### ମଦ ଜବତ, ଜେଲ ଗଲେ ଯୁବକ



ରଣପୁର, ୧୭।୧୦(ସ୍ୱ.ପ୍ର.)-ନୟାଗଡ ଜିଲା ଚାନ୍ଦପୁର ଥାନା ବଜାରରୁ ଗୁରୁବାର ପୋଲିସ ଚଢ଼ାଉ କରି ଜଣେ ଯୁବକ ବିକ୍ରି ପାଇଁ ରଖିଥିବା ୨୫ ବୋତଲ ଆସ୍କା ଫଟି ଦେଶୀ ମଦ ଜବତ କରିବା ସହ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି । ତାଙ୍କଠାରୁ ଏକ ନମ୍ବର ବିହୀନ ହୋଣ୍ଡା ଆକ୍ଟିଭା ଗାଡି ଜବତ କରାଯାଇଛି । ସେ ହେଲେ ଚାନ୍ଦପୁର କନ୍ଧନୟାଗଡର ମାନସ ପରିଡା (୨୭)। ଏନେଇ ଚାନ୍ଦପୁର ଥାନାରେ ଏକ ମାମଲା ୧୦୫/୧୯ ରୁଜୁ କରାଯାଇ ମଦ ବେପାରୀ ମାନସଙ୍କୁ ରଣପୁର କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଣପୁର ଉପ କାରାଗାରକୁ ପଠାଇ ଦିଆଯାଇଛି । ଅଭିଯୋଗରୁ ପ୍ରକାଶ ଯେ, କନ୍ଧନୟାଗଡ ଗ୍ରାମର ମାନସ ପ୍ରତ୍ୟେକ ଦିନ ମେଡିକାଲ ଛକ ଓ ବଜାର ଅଞ୍ଚଳରେ ବେଆଇନ ଭାବେ ନିଜ ଗାଡି ଭିତରେ ଦେଶୀ ମଦ ରଖି କାରବାର କରୁଥିଲେ। ସ୍ଥାନୀୟ ଅବକାରୀ ବିଭାଗ କୌଣସି ପଦକ୍ଷେପ ନ ନେବାରୁ ଗୁରୁବାର ବିଶେଷ ସୂତ୍ରରୁ ଖବର ପାଇ ଚାନ୍ଦପୁର ଥାନା ଏଏସ୍‌ଆଇ ଲକ୍ଷ୍ମୀଧର ପ୍ରଧାନ ଓ ଷ୍ଟାଫ୍ ବଜାର ଉପରେ ଚଢ଼ାଉ କରିଥିଲେ । ଏକ ବ୍ୟାଗରେ ସେ ବିକ୍ରି କରିବା ପାଇଁ ରଖିଥିବା ୨୫ ବୋତଲ ମଦ ସହିତ କିଛି ମଦ ପାଉଚ୍‌କୁ ଜବତ୍ କରିଥିଲେ।

### ଭସାଣି ସରିଲା, ହଟିଲାନି ତୋରଣ

ଖଣ୍ଡପଡା,୧୭।୧୦(ସ୍ୱ.ପ୍ର)-ଦୁର୍ଗା ଓ ଗଜଲକ୍ଷ୍ମୀ ପୂଜା ଭସାଣି ପରେ ମଧ୍ୟ ରାସ୍ତା ଉପରୁ ତୋରଣ ହଟି ନାହିଁ ଏଥିଯୋଗୁ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ଖଣ୍ଡପଡା-କଣ୍ଟିଲୋ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ଖଳିସାହି ବଜାରର ବିଭିନ୍ନ ସ୍ଥାନରେ ପାର୍ବଣ ଋତୁ ଅବସରରେ ପୂଜା କମିଟି ପକ୍ଷରୁ ତୋରଣ ନିର୍ମାଣ କରାଯାଇଥିଲା । ପୂଜା ତଥା ପାର୍ବଣ ଯୋଗୁ ରାସ୍ତା ଜାମ ହେବା ସ୍ୱାଭାବିକ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଏହି ସବୁ ତୋରଣକୁ ହଟା ଯାଉ ନ ଥିବାରୁ ତଥା ରାସ୍ତା ପାର୍ଶ୍ୱରେ ବାଉଁଶ ସହାୟତାରେ ନିର୍ମାଣ କରାଯାଇଥିବା ତୋରଣ ଯୋଗୁ ମୁଖ୍ୟ ରାସ୍ତା ସଙ୍କୁଚିତ ହୋଇପଡିଛି । ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତ କଲା ବେଳେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ପୂଜା କମିଟିଗୁଡିକ



ପକ୍ଷରୁ ଉକ୍ତ ତୋରଣ ନିର୍ମାଣ କରାଯାଇଥିଲା ବେଳେ ଦୁର୍ଗାପୂଜା ଓ ଲକ୍ଷ୍ମୀ ପୂଜା ଶେଷ ପରେ ମଧ୍ୟ ରାସ୍ତା ପାର୍ଶ୍ୱରୁ ବାଉଁଶ ଗେଟ୍‌ଗୁଡିକୁ ଉଠାଇ ନେବା ନିମନ୍ତେ ଟେଣ୍ଟ ହାଉସ ମାଲିକ ନତୁବା ପୂଜା କମିଟିର କର୍ମକର୍ତ୍ତାମାନେ ଧ୍ୟାନ ନ ଦେଇ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି । ଉକ୍ତ ରାସ୍ତାଦେଇ ନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋ, ଗଣିଆ, ଦଶପଲ୍ଲା, ବଡମ୍ବା ନରସିଂହପୁର ଅଞ୍ଚଳକୁ ଦୈନିକ ଶହ ଶହ ସଂଖ୍ୟାରେ ଭାରିଯାନ ସମେତ ବହୁ ଦୂରଦୂରାନ୍ତରୁ ଯାତ୍ରୀବାହୀ ଯାନଗୁଡିକ ଚଳାଚଳ କରୁଥିବା ବେଳେ ଉକ୍ତ ବାଉଁଶ ଗେଟଗୁଡିକ ଯୋଗୁଁ ସମସ୍ୟା ସୃଷ୍ଟି ହେଉଛି । ରାସ୍ତା ପାର୍ଶ୍ୱରୁ ଯୁଦ୍ଧକାଳୀନ ଭିତ୍ତିରେ ବାଉଁଶ ଗେଟଗୁଡିକୁ ହଟାଇ ଦେବା ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

### ଦୁର୍ଘଟଣା: ଯୁବକ ଗୁରୁତର

ପୁରୀ ଅଫିସ,୧୭।୧୦- ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ମାଳତୀପାଟପୁର ଛକରେ ଗୁରୁବାର ମଧ୍ୟାହ୍ନରେ ଏକ ବସ୍ ଓ ବାଇକ ମଧ୍ୟରେ ଧକ୍କା ଘଟିଛି। ଏଥିରେ ବାଇକ ଆରୋହୀ ଗଞ୍ଜାମ ଜିଲା ବ୍ରହ୍ମପୁରର କିରଣ କୁମାର ସାହୁ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ, ବସ୍‌ଟି ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଏହି ସମୟରେ ବିପରୀତ ଦିଗରୁ ବାଇକରେ କିରଣ ଆସୁଥିଲେ। ଓଭରବ୍ରିଜ ଅତିକ୍ରମ ବେଳେ ତାଙ୍କ ବାଇକ୍ ସହ ବସ୍‌ଟି ପିଟି ହୋଇଯାଇଥିଲା।

# ମୃତ୍ତିକା ପରୀକ୍ଷା କାର୍ଯ୍ୟକ୍ରମ ବାଟବଣା

ନୟାଗଡ଼ ଅଫିସ,୧୭।୧୦

ରାଜ୍ୟ ସରକାରଙ୍କ କୃଷିନୀତି ୨୦୧୩ ଅନୁଯାୟୀ ଚାଷୀଙ୍କ ଜମିର ମାଟି ପରୀକ୍ଷା ପାଇଁ ପ୍ରତି ଜିଲାରେ ମୃତ୍ତିକା ପରୀକ୍ଷା କେନ୍ଦ୍ର ରହିଛି। ଚାଷୀମାନେ ସେମାନଙ୍କ ଜମିରେ ଫସଲ ନ ହେଲେ ମାଟିର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପରୀକ୍ଷା କେନ୍ଦ୍ରକୁ ଆଣନ୍ତି। ପରୀକ୍ଷା ପରେ ଜମିରେ କିପରି ଭଲ ଫସଲ ହୋଇପାରିବ ସେ ନେଇ ପରୀକ୍ଷାଗାରରେ ଥିବା ଅଧିକାରୀମାନେ ଚାଷୀଙ୍କୁ ପରାମର୍ଶ ଦେଇଥାନ୍ତି। ହେଲେ ନୟାଗଡ଼ ଜିଲାରେ ଥିବା ମୃତ୍ତିକା ପରୀକ୍ଷାଗାରରେ ଠିକ୍ ଭାବେ ଚାଷଜମିର ମାଟି ପରୀକ୍ଷା କରାଯାଉ ନ ଥିବା ଦେଖିବାକୁ ମିଳିଛି। ୨୦୧୯-୨୦ ବର୍ଷରେ ୧୩,୧୦୪ ଜଣ ଚାଷୀଙ୍କ ମୃତ୍ତିକା ପରୀକ୍ଷା କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ୩୪୯୫ ଜଣ ଚାଷୀଙ୍କ ଏହି ପରୀକ୍ଷା ହୋଇଥିବା ସୂଚନା ମିଳିଛି। ଫଳରେ ମୃତ୍ତିକା ପରୀକ୍ଷା କାର୍ଯ୍ୟକ୍ରମ ଜିଲାରେ ବାଟବଣା ହୋଇଥିବା କୁହାଯାଉଛି।

ଜିଲାର ନୟାଗଡ଼ ଓ ଦଶପଲ୍ଲାଠାରେ ଦୁଇଟି କୃଷିଜିଲା କାର୍ଯ୍ୟାଳୟ ରହିଛି।



ଜିଲା ମୃତ୍ତିକା ପରୀକ୍ଷାଗାର।

ନୟାଗଡ଼ ସର୍କଲରେ ନୟାଗଡ଼, ଭାପୁର, ଓଡ଼ଗାଁ, ରଣପୁର ଓ ଖଣ୍ଡପଡ଼ା ବ୍ଲକର ୯୨୬୪ ଚାଷୀଙ୍କ ଜମିର ମୃତ୍ତିକା ପରୀକ୍ଷା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ହେଲେ ମାତ୍ର ୨୩୬୨ ଚାଷୀଙ୍କ ଜମିରୁ ମୃତ୍ତିକା ସଂଗ୍ରହ କରାଯାଇଛି। ସେହିଭଳି ଦଶପଲ୍ଲା କୃଷିଜିଲା କାର୍ଯ୍ୟାଳୟ ଅଧୀନରେ ଗଣିଆ, ଦଶପଲ୍ଲା, ନୂଆଗାଁ ବ୍ଲକର ୩୮୪୦ ଚାଷୀଙ୍କ ମୃତ୍ତିକା ପରୀକ୍ଷା କରି ସେମାନଙ୍କୁ ମୃତ୍ତିକା କାର୍ଡ଼ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ହେଲେ ସେଥିରୁ ମାତ୍ର ୧୧୩୩ ଚାଷୀଙ୍କ ଜମିରୁ ମୃତ୍ତିକା ପରୀକ୍ଷା ପାଇଁ ସଂଗ୍ରହ

- ୧୩ ହଜାରରୁ ମାତ୍ର ୩ ହଜାର ଚାଷୀଙ୍କ ଜମିର ହୋଇଛି ପରୀକ୍ଷା
- ନୟାଗଡ଼ ଓ ଗଣିଆ ବ୍ଲକରେ ଶୂନ

କରାଯାଇଛି। ନୟାଗଡ଼ ଓ ଗଣିଆ ବ୍ଲକରେ କୌଣସି ଚାଷୀଙ୍କ ଜମିରୁ ମୃତ୍ତିକା ସଂଗହ କରାଯାଇ ନ ଥିବା ଦେଖିବାକୁ ମିଳିଛି। ନୟାଗଡ଼ ବ୍ଲକରେ ୧୮୮୨ରୁ ୦, ଭାପୁରରେ ୭୨୮ରୁ ୩୦୦, ଓଡ଼ଗାଁରେ ୨୯୫୦ରୁ ୫୦୨, ରଣପୁରରେ ୨୦୧୮ରୁ ୧୦୦୯, ଖଣ୍ଡପଡ଼ାରେ ୧୬୮୬ରୁ ୫୫୧, ଗଣିଆରେ ୫୦୨ରୁ ୦, ଦଶପଲ୍ଲାରେ ୨୦୧୨ରୁ ୬୯୩, ନୂଆଗାଁରେ ୧୩୨୬ରୁ ମାତ୍ର ୪୪୦ ଚାଷୀଙ୍କ ଜମିରୁ ମୃତ୍ତିକା ସଂଗ୍ରହ କରାଯାଇଛି। ପୁଣି ମୃତ୍ତିକା ସଂଗ୍ରହ ହୋଇଥିବା ୩୪୯୫ ଚାଷୀଙ୍କ ମଧ୍ୟରୁ ମାତ୍ର ୫୦୨ ଜଣଙ୍କ ନାମ ପରୀକ୍ଷା କେନ୍ଦ୍ରରେ ପଞ୍ଜୀକୃତ ହୋଇଛି। ଏହାକୁ ଜିଲା ମୃତ୍ତିକା ପରୀକ୍ଷାଗାର କର୍ମଚାରୀ ଓ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ଜିଲାରେ ୧ ଲକ୍ଷ ୪୪ ହଜାର ୮୩ ଜଣ ଚାଷୀ ଥିବାବେଳେ ସେମାନଙ୍କ ମଧ୍ୟରୁ ପାଖାପାଖି ୩୨ ହଜାର ଚାଷୀ ମୃତ୍ତିକା କାର୍ଡ଼ ପାଇଛନ୍ତି। ଏ ନେଇ ଦାୟିତ୍ୱରେ ଥିବା କୃଷି ଉପନିର୍ଦ୍ଦେଶକ ଲକ୍ଷ୍ମୀ ନାରାୟଣ ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ତାଙ୍କ ମୋବାଇଲ୍ ସୁଇଚ୍ ଅଫ ଥିବାରୁ କୌଣସି ମତାମତ ମିଳିପାରି ନାହିଁ। ମୃତ୍ତିକା ପରୀକ୍ଷାଗାରରେ କିପରି ଠିକ୍ ଭାବେ ପରୀକ୍ଷା କରାଯାଇ ଚାଷୀମାନଙ୍କୁ ସୁବିଧା ମିଳିବ ସେ ଦିଗପ୍ରତି ପ୍ରଶାସନ ଧ୍ୟାନ ଦେବା ପାଇଁ ଚାଷୀ ମହଲରେ ଦାବି ହେଉଛି।

# ଧାନ ଫସଲରେ ହଳଦୀଗୁଣ୍ଡି ପୋକ: ଚିନ୍ତାରେ ଚାଷୀ

ଭାପୁର,୧୭।୧୦(ଡି.ଏନ୍.ଏ.)

ଭାପୁର ବ୍ଲକ ଅଞ୍ଚଳରେ ସମ୍ପ୍ରତି ଧାନ ଫସଲରେ ପୋକ ଚାଷୀମାନଙ୍କୁ ଚିନ୍ତାରେ ପକାଇଛି। ବ୍ଲକରେ ଥିବା ୧୦ ହଜାର ଏକର ଚାଷଜମି ମଧ୍ୟରୁ ୭ ହଜାର ଏକର ଜମିରେ ଧାନଚାଷ ହୋଇଥିବାବେଳେ ୩ ହଜାର ଏକରରୁ ଊର୍ଦ୍ଧ୍ୱ ଜମି ପଡ଼ିଆ ପଡ଼ିଛି। ଅଧିକାଂଶ ଜମିରେ ସରକାରୀ ଧାନ ଚାଷ ହୋଇଛି। ହେଲେ ଥୋଡ଼ ହେବା ପୂର୍ବରୁ ଧାନ ଫସଲରେ ପୋକ ଲାଗିଛନ୍ତି। ହଳଦୀଗୁଣ୍ଡି, କାଣ୍ଡବିନ୍ଧା, ରଙ୍ଗି ପୋକ ଲାଗି ଧାନଗଛ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଛି। ଏ ବର୍ଷ ଭଲ ବର୍ଷା ହୋଇଥିବାରୁ ବିଳମ୍ବରେ ବେଉଷଣ ହୋଇଥିଲେ ମଧ୍ୟ ଧାନ ଫସଲ ଭଲ ହୋଇଥିଲା। ମାତ୍ର ପୋକ ଲାଗି ଧାନ ଫସଲ ନଷ୍ଟ ହେଉଥିବାରୁ ଚାଷୀଙ୍କ ମୁଣ୍ଡରେ ଏକପ୍ରକାର ଚଡକ ପଡିଛି। ଭାପୁର ପଞ୍ଚାୟତ ଖଇରଗାଡ଼ିଆ ଗ୍ରାମର ଅନ୍ତର୍ଯ୍ୟାମୀ ମହାପାତ୍ର କହିବା ପ୍ରକାରେ ତାଙ୍କର ୨ ଏକର ଜମିରେ ପୋକ ଲାଗି ୨୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଧାନ ଫସଲ ଉଜୁଡ଼ିଯାଇଛି। ଏ ବିଷୟରେ ଭାପୁର କୃଷି ଅଧିକାରୀ ପ୍ରଦୀପ ପଟ୍ଟନାୟକ କୁହନ୍ତି, ଘଟଣା ନେଇ ତାଙ୍କୁ କେହି ଜଣାଇନାହାନ୍ତି। ତଥାପି ସେ ଶୁକ୍ରବାର ସରଜମିନ ତଦନ୍ତ କରିବେ ବୋଲି କହିଥିଲେ।



ପୋକ ଲାଗି ଧାନ ଗଛ ମରିଯାଇଛି।

# ଛଟେଇ ପ୍ରତିବାଦରେ ପାଚିକାଙ୍କ ଧାରଣା




ବିଇଓ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି ସୁମିତ୍ରା ଓ ତାଙ୍କ ପରିବାର।

ଗଣିଆ,୧୭।୧୦(ଡି.ଏନ.ଏ.)

ବିଦ୍ୟାଳୟର ପାଚିକା କାର୍ଯ୍ୟରୁ ଛଟେଇ କରାଯିବା ପ୍ରତିବାଦରେ ଗଣିଆ ବ୍ଲକ କରଡାପଡା ପଞ୍ଚାୟତ କରଡାପଡା ଗ୍ରାମସ୍ଥିତ ଜେ. ପ୍ରଧାନସିଂହ ମଧ୍ୟ ଇଂରାଜୀ ବିଦ୍ୟାଳୟର ପାଚିକା ସୁମିତ୍ରା ମୁଦୁଲି ଗୁରୁବାର ଗଣିଆ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଆମରଣ ଅନଶନରେ ବସିଛନ୍ତି । ତାଙ୍କ ସହିତ ତାଙ୍କର ବିଧବା ଶାଶୁ ଓ ୧୨ ବର୍ଷର ପୁଅ ଧାରଣାରେ ସାମିଲ ହୋଇଛନ୍ତି ।

ସୁମିତ୍ରାଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୦୧୫ ମସିହାଠାରୁ ସେ କରଡାପଡା ଜେ. ପ୍ରଧାନସିଂହ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପାଚିକା ଭାବେ କାର୍ଯ୍ୟ କରିଆସୁଥିଲେ । ତେବେ ଏହି ବିଦ୍ୟାଳୟ ସହ କଳାଶିମିଳି ପ୍ରାଥମିକ ବିଦ୍ୟାଳୟଟି ସାମିଲ ହେବାପରେ ଗତ ସେପ୍ଟେମ୍ବର ୨୩ତାରିଖରେ ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନ୍ୟ ୩ ଜଣ ପାଚିକାଙ୍କୁ ରଖି ସୁମିତ୍ରାଙ୍କୁ କାର୍ଯ୍ୟରୁ ଛଟେଇ କରିଥିଲେ । ଏ ନେଇ ସୁମିତ୍ରା ଓ ସ୍ଥାନୀୟ ସରପଞ୍ଚ ପୃଥକ ଭାବେ ଗତ ସେପ୍ଟେମ୍ବର ୨୬ ତାରିଖରେ ଗଣିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ । ଏଥିସହ ସେ ଗତ ୧ତାରିଖରେ ବ୍ଲକ ଏବଂ ଜିଲା ଶିକ୍ଷା ଅଧିକାରୀ, ଜିଲାପାଳ, ଶିକ୍ଷାମନ୍ତ୍ରୀ ଓ ଗଣିଆ ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ । ତାଙ୍କୁ କୌଣସି ନ୍ୟାୟ ନ ମିଳିବାରୁ ସେ ବାଧ୍ୟ ହୋଇ ନିଜର ପରିବାର ସହ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ସ୍ୱାମୀଙ୍କ ମୃତ୍ୟୁ ପରେ ୭୦ ବର୍ଷର ବିଧବା ଶାଶୁ ଓ ଛୋଟ ପୁଅକୁ ନେଇ ସୁମିତ୍ରା ରହୁଛନ୍ତି । ପାଚିକା କାର୍ଯ୍ୟରୁ ମିଳୁଥିବା ପାରିଶ୍ରମିକ, ବିଧବା ଭତ୍ତା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ୧୫ କିଲୋଗ୍ରାମ ଚାଉଳରେ ସୁମିତ୍ରାଙ୍କ ପରିବାର ଦୁଃଖକଷ୍ଟରେ ଚଳିଯାଉଥିଲା । ତେବେ କାର୍ଯ୍ୟରୁ ଛଟେଇ ହେବାପରେ ସେ ପରିବାର ପ୍ରତିପୋଷଣ ନେଇ ଭାଙ୍ଗିପଡିଛନ୍ତି । ଉଚିତ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ସୁମିତ୍ରା ନିଜ ପରିବାର ସହ ଆମରଣ ଅନଶନ ଜାରି ରଖିବେ ବୋଲି କହିଛନ୍ତି। ଏ ସମ୍ପର୍କରେ ଗଣିଆ ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ଦାଶଙ୍କୁ ପଚାରିବାରୁ ସରକାରଙ୍କ ଗାଇଡଲାଇନ ଆଧାରରେ ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମିତ୍ରାଙ୍କୁ କାର୍ଯ୍ୟରୁ ଛଟେଇ କରିଛନ୍ତି। ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି ବୋଲି ଶିକ୍ଷାଧିକାରୀ ପ୍ରକାଶ କରିଛନ୍ତି।

## ଏକ୍ସପ୍ରେସ ଟ୍ରେନରେ ଯାଞ୍ଚ କଡ଼ାକଡ଼ି

ପୁରୀ ଅଫିସ,୧୭।୧୦

ବିଭିନ୍ନ ଏକ୍ସପ୍ରେସ ଟ୍ରେନରେ ଯାଞ୍ଚ କଡ଼ାକଡ଼ି କରାଯାଇଛି। ଗୁରୁବାର ତପସ୍ୱିନୀ, ଉତ୍କଳ ଓ ପୁରୀ-ହାୱଡ଼ା ଏକ୍ସପ୍ରେସ ଟ୍ରେନରେ ଆର୍‌ପିଏଫ୍ ପୋଲିସ ଯାଞ୍ଚ କରିଛି। ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରା, ଆପରାଧିକ କାର୍ଯ୍ୟକଳାପକୁ ରୋକିବା ଲାଗି ଏହି ଯାଞ୍ଚ କରାଯାଉଥିବା ଥାନାଧିକାରୀ ଅନିଲ କୁମାର ସିଂ କହିଛନ୍ତି। ଗୋଇନ୍ଦା ରିପୋର୍ଟ ଅନୁସାରେ ଭାରତରେ କେତେଜଣ ଆତଙ୍କବାଦୀ ପ୍ରବେଶ କରିଛନ୍ତି। ସେମାନଙ୍କ ଟାର୍ଗେଟରେ ପୁରୀ ଶ୍ରୀମନ୍ଦିର ରହିଛି। ଦୈନିକ ମହାପ୍ରଭୁଙ୍କ ଦର୍ଶନ ଲାଗି ଟ୍ରେନ ଯୋଗେ ଲକ୍ଷାଧିକ ଭକ୍ତ ଯାତାୟାତ କରୁଛନ୍ତି। ତେଣୁ ଟ୍ରେନ୍ ଓ ପୁରୀ ଷ୍ଟେଶନରେ ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି।

## ଶ୍ରମିକ ମାରଣ ନୀତିକୁ ବିରୋଧ

ପୁରୀ ଅଫିସ, ୧୭।୧୦

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପୁରୀ ନଗର କମିଟି ପକ୍ଷରୁ ଦଳର ଶତବାର୍ଷିକୀ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି। ଆସନ୍ତା ୨୦୨୦ ଅକ୍ଟୋବର ୧୭ରେ ଶତବାର୍ଷିକୀ ପାଳନ କରାଯିବ। ବୈଠକରେ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ ତୀବ୍ର ବିରୋଧ କରାଯାଇଛି। ଏ ନେଇ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ସିପିଆଇ ସମ୍ପାଦକ ଶରତ ଚନ୍ଦ୍ର ରାୟଗୁରୁ, ଜଗନ୍ନାଥ ଦେଓ, ରଣଜିତ ପଟ୍ଟନାୟକ, ଟୁନା ନାୟକ, ମନୋରଞ୍ଜନ ମହାରଣା, ବିଭୂତି ରାଉତରାୟ, ବାହନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

ଦଶପଲ୍ଲା,୧୭।୧୦ (ଡି.ଏନ.ଏ.)

ଦଶପଲ୍ଲା ପଞ୍ଚାୟତ ସମିତି ସଭାଗୃହରେ ଗୁରୁବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦେବୀ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଶିକ୍ଷାଧିକାରୀ ପ୍ରଦୀପ୍ତ କୁମାର ବେହେରା, ଜିପିଓ ଧର୍ମରାଜ ପରିଡା, ଏନ୍‌ଏସି ନିର୍ବାହୀ ଅଧିକାରୀ ସୁରେନ୍ଦ୍ର ନାଥ ଖୁଣ୍ଟିଆ, ଡିପିଏମ୍ ସସ୍ମିତା ମିଶ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରିୟରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସାହୁଙ୍କ ସୂଚନା ଅନୁଯାୟୀ ଏହା ଅନ୍ତିମ ପର୍ଯ୍ୟାୟ ଶିବିର। ତେଣୁ ବ୍ଲକ ଓ ଏନ୍‌ଏସିରେ ଯେତେ ଭିନ୍ନକ୍ଷମ ଅଛନ୍ତି ସମସ୍ତଙ୍କର ପଞ୍ଜୀକରଣ ଏକାନ୍ତ ଆବଶ୍ୟକ। ସରକାଙ୍କ ଦ୍ୱାରା ନିର୍ଦ୍ଧାରିତ ମୋଟ ୨୧ ପ୍ରକାର ଭିନ୍ନକ୍ଷମତା ମଧ୍ୟରୁ ଯେ କୌଣସି ଗୋଟିଏ ଥିଲେ ତାଙ୍କୁ ଭିନ୍ନକ୍ଷମ ବୋଲି ଚିହ୍ନଟ କରାଯିବ। ଉପସ୍ଥିତ ସମସ୍ତ ସଦସ୍ୟ ଏଦିଗରେ ପ୍ରଚାର କରିବା ସହ ସେମାନଙ୍କୁ ଆଗାମୀ ୩୧ ତାରିଖରେ ସ୍ଥାନୀୟ ରାଧାମୋହନ ଜୀଉ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ଆଣିବାକୁ ସହଯୋଗ କରିବେ। ବିଶେଷତଃ ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ନୂତନ ଭାବେ ନିଯୁକ୍ତି ପାଇଥିବା ପିପୁଲସ୍ ଆକ୍ସନ ଗ୍ରୁପ୍ ସଦସ୍ୟ ତତ୍ପରତାର ସହ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ, ସମିତିସଭ୍ୟ, ସିଆର୍‌ସିସିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଟ୍ରେନ୍ ଦୁର୍ଘଟଣାରେ ମହିଳା ମୃତ

ବେଗୁନିଆ,୧୭।୧୦(ଡି.ଏନ.ଏ.)- ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ବେଗୁନିଆ ଥାନା ରାସୋଳ ଗାଁ ନିକଟରେ ଟ୍ରେନ୍ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଅଭିଯୋଗ ପାଇବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି। ମୃତା ମହିଳାଙ୍କ ପୁଅ ପୂର୍ଣ୍ଣଚନ୍ଦ୍ରଙ୍କ ଅଭିଯୋଗ ମୁତାବକ ଏହି ଥାନା ବୋଲଗଡ ବ୍ଲକ ରାସୋଳ ଗାଁର ସଚଳା ଜୟସିଂ(୫୪) ଗୁରୁବାର ସକାଳୁ ଟ୍ରେନ୍ ଲାଇନ ଅତିକ୍ରମ କରୁଥିଲେ। ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଟ୍ରେନ୍‌ଟି ଧକ୍କା ତାଙ୍କୁ ଦେଇଥିଲା। ସଚଳା ରେଳ ଧାରଣାରେ ପଡି ଯାଇଥିଲେ। ତାଙ୍କ ଶରୀର କ୍ଷତ ବିକ୍ଷତ ହୋଇଯାଇଥିଲା। ଘଟଣାସ୍ଥଳରୁ ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

# ରାସ୍ତାକଡ଼ରୁ ବୃଦ୍ଧାଶ୍ରମକୁ ଗଲେ ହେମଲତା

ପୁରୀ ଅଫିସ, ୧୭।୧୦

**ସହଯୋଗ କଲା ଆଇନ ସେବା ପ୍ରାଧିକରଣ**

ସ୍ୱାମୀଙ୍କ ମୃତ୍ୟୁ ପରେ ବେସାହାରା ହୋଇପଡ଼ିଥିଲେ ହେମଲତା। ପୁରୀ ବାଲିସାହିର ଏହି ବୃଦ୍ଧା ଭାଗ୍ୟକୁ ଆଦରି ରାସ୍ତାକଡ଼ରେ ଆଶ୍ରୟ ନେଇଥିଲେ। ଗୁରୁବାର ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ସହଯୋଗରେ ତାଙ୍କୁ ଡେଲାଙ୍ଗ ବୃଦ୍ଧାଶ୍ରମରେ ଥଇଥାନ କରାଯାଇଥିବା ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର କହିଛନ୍ତି। ହେମଲତାଙ୍କ ସଂସ୍ପର୍ଶରେ ପାରା ଲିଗାଲ ଭଲ୍ୟୁଣ୍ଟିୟର ହାରାମଣି ଦେବୀ ଆସିଥିଲେ। ତାଙ୍କ ବିଷୟରେ ସବୁ ଜାଣିବା ପରେ ସୋମବାର ତାଙ୍କୁ ଆଇନସେବା ପ୍ରାଧିକରଣ କାର୍ଯ୍ୟାଳୟକୁ ଆଣି ସଚିବଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଏ ନେଇ ସଚିବ ମହାପାତ୍ର ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଚିଠି ଲେଖିବା ପରେ ହେମଲତାଙ୍କୁ ବୃଦ୍ଧାଶ୍ରମକୁ ପଠାଇ ଦିଆଯାଇଛି।

# କୁମାର ମହୋତ୍ସବ ଉଦ୍‌ଯାପିତ

ନୟାଗଡ଼ ଅଫିସ,୧୭।୧୦

ନୟାଗଡ଼ ବ୍ଲକ ଜେମାଦେଇପୁର ପାଟଣା ପଞ୍ଚାୟତ ରାଜପାଟଣା ଗ୍ରାମର ମିନି ଷ୍ଟାଡ଼ିୟମଠାରେ ରବିବାରଠାରୁ ଚାଲିଥିବା କୁମାର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ନିରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ପ୍ରଶଂସା କରିଥିଲେ। ଏଭଳି କାର୍ଯ୍ୟକ୍ରମ ଗାଁ ଲୋକମାନଙ୍କୁ ଏକାଠି କରିବାର ସୁଯୋଗ ଦେଉଥିବା ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଅରୁଣ ମହାନ୍ତି, ଜେମାଦେଇପୁର ପାଟଣା ସରପଞ୍ଚ ରୀନାବାଳା ପୃଷ୍ଟି, ସମିତିସଭ୍ୟା ଜୟନ୍ତୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

■ ଅପହଞ୍ଚ ସରକାରୀ ଯୋଜନା

# ପ୍ରତିବାଦରେ ରଣପୁର ଏନ୍‌ଏସି କାର୍ଯ୍ୟାଳୟ ଘେରାଉ

ରଣପୁର,୧୭।୧୦(ସ୍ୱ.ପ୍ର.)

ନୟାଗଡ ଜିଲା ରଣପୁର ଏନ୍‌ଏସିରେ ଥିବା ଦଳିତ ଓ ଆଦିବାସୀ ଲୋକେ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହୋଇ ଆସୁଛନ୍ତି। ବାରମ୍ବାର ଆପତ୍ତି, ଅଭିଯୋଗ କଲେ ମଧ୍ୟ ସେମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭତ୍ତା, ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ଭଳି ସରକାରୀ ଯୋଜନାର ସୁଫଳ ପାଇପାରୁ ନାହାନ୍ତି। ଫଳରେ ଏହାର ପ୍ରତିବାଦରେ ରଣପୁର ବ୍ଲକ କୃଷକ ସଙ୍ଗଠନ, ଦଳିତ ଆବାସିକ ସଂଘ ତରଫରୁ ମିଳିତ ଭାବେ ଗୁରୁବାର ରଣପୁର ଏନ୍‌ଏସି କାର୍ଯ୍ୟାଳୟ ଘେରାଉ କରିଥିଲେ। ୧ମାସ ଭିତରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ତ୍ୱରାନ୍ୱିତ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ନେଇ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଅର୍ଚ୍ଚନା




ରଣପୁର ଏନ୍‌ଏସି କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି ମହିଳା ଓ ପୁରୁଷମାନେ।

ନାୟକଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, ଦଳିତ ଆଦିବାସୀ ସେବା ସଙ୍ଗଠନର ସଭାପତି ଅଜୟ ମହାନ୍ତିଙ୍କ ନେତୃତ୍ୱରେ ଗୁରୁବାର ପୂର୍ବାହ୍ନ ୧୦ଟାରୁ ଏନ୍‌ଏସି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏଥିରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜ୍ୟ ଯୁବ ଶାଖା ସଭାପତି ସତ୍ୟବ୍ରତ ନାୟକ, ନବ ନିର୍ମାଣ କୃଷକ ସଙ୍ଗଠନର ସଂଯୋଜକ ପ୍ରଦୀପ ବେହେରା ପ୍ରମୁଖ ଭାଗନେଇ ଦଳିତ ଓ ଆଦିବାସୀଙ୍କୁ ଉପେକ୍ଷା କରାଯାଉଥିବା ନେଇ ପ୍ରଶାସନ ଉପରେ ବର୍ଷିଥିଲେ।